# ରାଜ୍ୟ ବଜେଟ୍‌ର ରୂପରେଖ ଉପସ୍ଥାପନ କଲେ ମନ୍ତ୍ରୀ

କେନ୍ଦୁଝର, ୮।୩(ସମିସ): ଓଡ଼ିଶା ସରକାରଙ୍କ ୨୦୨୬-୨୭ ଆର୍ଥିକ ବର୍ଷର ରାଜ୍ୟ ବଜେଟ୍ ସମ୍ପର୍କରେ ସୂଚନା ପ୍ରଦାନ କରିବା ନିମନ୍ତେ କେନ୍ଦୁଝରଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ମନ୍ତ୍ରୀ ଗଣେଶରାମ ସିଂଖୁଣ୍ଟିଆ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ବିଷୟରେ ବିସ୍ତୃତ ଆଲୋଚନା କରିଛନ୍ତି। ପ୍ରଥମେ ସେ ଆନ୍ତର୍ଜାତିକ ମହିଳା ଦିବସର ଶୁଭେଚ୍ଛା ଦେଇଥିଲେ। ଏହାପରେ କହିଥିଲେ ଯେ ୩ ଲକ୍ଷ ୧୦ ହଜାର କୋଟି ଟଙ୍କାର ବଜେଟ୍‌ରେ ଶିକ୍ଷା, ସାମାଜିକ ସୁରକ୍ଷା, ନାଗରିକ ସେବା, ଗ୍ରାମୀଣ ବିକାଶ ଓ ପ୍ରଶାସନିକ ସଂସ୍କାର ପରି ୬ଟି ପ୍ରମୁଖ ସ୍ତମ୍ଭ ଉପରେ ଗୁରୁତ୍ୱ ଦିଆଯାଇଛି। ଆର୍ଥିକ ଅଭିବୃଦ୍ଧି ଓ ପୁଞ୍ଜି ବିନିଯୋଗ ରାଜ୍ୟର ଅର୍ଥନୀତିକୁ ଗତିଶୀଳ କରିବା ପାଇଁ ପୁଞ୍ଜି ନିବେଶକୁ ୫୮% ବୃଦ୍ଧି କରାଯାଇଛି। ରାଜ୍ୟର ସକଳ ଘରୋଇ ଉତ୍ପାଦ ବର୍ତ୍ତମାନ ୪୨,୯୫୨ କୋଟି ଟଙ୍କା ରହିଛି, ଯାହା ପୂର୍ବ ବର୍ଷ ତୁଳନାରେ ୧୨% ଅଧିକ। ସରକାରୀ ଖର୍ଚ୍ଚକୁ ସନ୍ତୁଳିତ ରଖିବା ପାଇଁ ଏକ ନିର୍ଦ୍ଦିଷ୍ଟ ସୀମା ମଧ୍ୟରେ ରଖାଯାଇଛି। ନୂଆ ଆମ୍ବୁଲାନ୍ସ ସେବା ଏବଂ ସ୍ୱାସ୍ଥ୍ୟକାର୍ଡ ଗୋପବନ୍ଧୁ ଜନ ଆରୋଗ୍ୟ ଯୋଜନା ମାଧ୍ୟମରେ ପ୍ରତିଟି ନାଗରିକଙ୍କ ପାଖରେ ସ୍ୱାସ୍ଥ୍ୟ ସେବା ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ମହିଳା ଓ ଶିଶୁ କଲ୍ୟାଣ ମହିଳାଙ୍କ ସଶକ୍ତୀକରଣ ପାଇଁ ୫୦୦୦ କୋଟି ଟଙ୍କାର ସ୍ୱତନ୍ତ୍ର ପ୍ୟାକେଜ୍ ଘୋଷଣା କରାଯାଇଛି। 'ମିଶନ ଶକ୍ତି' ପାଇଁ ୨୮୦୪ କୋଟି ଟଙ୍କା ଏବଂ ବିଦ୍ୟାଳୟ ଓ ଗଣଶିକ୍ଷା ଅଧୀନରେ 'ମଡେଲ ସ୍କୁଲ' ଏବଂ 'ଏକଲବ୍ୟ ବିଦ୍ୟାଳୟ'ର ଉନ୍ନତିକରଣ ପାଇଁ ବଡ଼ ଅଙ୍କର ପାଣ୍ଠି ବରାଦ




ହୋଇଛି। ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ 'ସମଗ୍ର ଶିକ୍ଷା' ଯୋଜନାରେ ୩,୮୦୫ କୋଟି ଟଙ୍କା ରଖାଯାଇଛି। ଓଡ଼ିଶା ଆଦର୍ଶ ବିଦ୍ୟାଳୟ ପାଇଁ ୧,୨୨୪ କୋଟି ଟଙ୍କାର ବ୍ୟୟବରାଦ ହୋଇଛି, ଯାହାଦ୍ୱାରା କେନ୍ଦୁଝର ଜିଲ୍ଲାବାସୀ ଉପକୃତ ହେବେ। ନିଯୁକ୍ତି ଓ ବୈଷୟିକ ବିକାଶ ରାଜ୍ୟରେ ୫୦,୦୦୦ରୁ ଅଧିକ ନୂଆ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି। ଆଧୁନିକ ଯୁଗ ସହ ତାଳ ଦେଇ ସବୁ କ୍ଷେତ୍ରରେ ଏଆଇ ବା କୃତ୍ରିମ ବୁଦ୍ଧିମତ୍ତାକୁ ଗୁରୁତ୍ୱ ଦିଆଯାଉଛି। ଯୁବପିଢ଼ିଙ୍କ ଦକ୍ଷତା ବୃଦ୍ଧି ପାଇଁ ବିଭିନ୍ନ ଇନଷ୍ଟିଚ୍ୟୁଟ୍ ମାଧ୍ୟମରେ "ଦକ୍ଷତା ବିକାଶ' ପ୍ରୋଗ୍ରାମ ଚାଲିଛି। ଏଥିସହ ଶିଳ୍ପ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ "ଶିଳ୍ପ ରକ୍ଷଣାବେକ୍ଷଣ' ପାଣ୍ଠି ଗଠନ କରାଯାଇଛି। କେନ୍ଦୁଝର ଜିଲ୍ଲା ପାଇଁ ସ୍ୱତନ୍ତ୍ର ଡିପିଆର ପ୍ରସ୍ତୁତ କରାଯାଇଛି। ପୂର୍ବ ସରକାରଙ୍କ ଅଧା ରହିଥିବା କାମଗୁଡ଼ିକୁ ତୁରନ୍ତ ଶେଷ କରିବାକୁ କାର୍ଯ୍ୟ ଜାରି ରହିଛି। ଚାଷୀଙ୍କ ପାଇଁ ସମୃଦ୍ଧ କୃଷକ ଯୋଜନା ଅଧୀନରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାକୁ ବୃଦ୍ଧି କରାଯାଇଛି। କଫି ଚାଷ ପାଇଁ ୧୫୦ କୋଟି ଏବଂ ବଳଭଦ୍ର ଜୈବିକ ଚାଷ ମିଶନ ପାଇଁ ୨୮ କୋଟି ଟଙ୍କାର ବ୍ୟୟବରାଦ ହୋଇଛି। କେନ୍ଦୁଝର ଜିଲ୍ଲାରେ ଚାଷୀମାନଙ୍କ ପାଇଁ ଆଧୁନିକ ଗୋଦାମ ଘର ଓ ମଡେଲ ମଣ୍ଡି ନିର୍ମାଣ କରାଯିବ। ଏଥିସହ ମୁଖ୍ୟମନ୍ତ୍ରୀ-କିଷାନ ଯୋଜନା ପାଇଁ ୨,୦୩୦ କୋଟି ଟଙ୍କାର ବ୍ୟବସ୍ଥା ହୋଇଛି ଏବଂ ବୁଣାକାରଙ୍କ ପାଇଁ 'ମୁଖ୍ୟମନ୍ତ୍ରୀ ହସ୍ତତନ୍ତ ଯୋଜନା' କାର୍ଯ୍ୟକାରୀ କରାଯାଇଛି। ଜିଲ୍ଲାରେ ଜଳସେଚନ ସୁବିଧା ପାଇଁ ୨୦,୦୦୦ ଗଭୀର ନଳକୂପ ଖନନ ଏବଂ ଉଠା ଜଳସେଚନ ପ୍ରକଳ୍ପକୁ କାର୍ଯ୍ୟକାରୀ କରାଯିବ। ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆରି ଯୋଜନାରେ ଅନେକ ନୂତନ ଚେକ୍ ଡ୍ୟାମ୍ ନିର୍ମାଣ କରାଯିବ। 'ଜଳ ଜୀବନ ମିଶନ' ଏବଂ 'ସୁଜଳା' ଯୋଜନା ମାଧ୍ୟମରେ କେନ୍ଦୁଝରର ପ୍ରତିଟି ପରିବାରକୁ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ଲକ୍ଷ୍ୟ ରଖାଯାଇଛି। ଓଡ଼ିଶାକୁ ଏକ "ପର୍ଯ୍ୟଟନସ୍ଥଳୀ' ଭାବେ ଗଢ଼ିବାକୁ ବହୁ ନୂତନ ପଦକ୍ଷେପ ନିଆଯାଇଛି। ଯୁବପିଢ଼ିଙ୍କ ଉନ୍ନତି ପାଇଁ କ୍ରୀଡ଼ା କ୍ଷେତ୍ରରେ ୧,୩୫୯ କୋଟି ଟଙ୍କା ବ୍ୟୟ କରାଯିବ, ଯାହାଦ୍ୱାରା ଜିଲ୍ଲାର କ୍ରୀଡ଼ାବିତ୍‌ମାନେ ଉନ୍ନତ ପ୍ରଶିକ୍ଷଣ ଓ ଭିତ୍ତିଭୂମି ପାଇପାରିବେ। ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ଜଙ୍ଗଲ ବିଭାଗ ପକ୍ଷରୁ ବ୍ୟାପକ ବୃକ୍ଷରୋପଣ ଓ ସଂରକ୍ଷଣ କାର୍ଯ୍ୟ କରାଯିବାକୁ ଯୋଜନା କରାଯାଇଛି। ଏହି ବଜେଟ୍ ଓଡ଼ିଶାର ଗ୍ରାମୀଣ ଏବଂ ସହରାଞ୍ଚଳର ବିକାଶ ମଧ୍ୟରେ ସନ୍ତୁଳନ ରକ୍ଷା କରିବା ସହ ରାଜ୍ୟକୁ ଏକ ନୂତନ ଶିଖରରେ ପହଞ୍ଚାଇବ ବୋଲି ଆଶା କରାଯାଉଛି। ଏହି ସମ୍ମିଳନୀରେ କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ ଓ ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି ଅଂଶଗ୍ରହଣ ଥିଲେ। ମନ୍ତ୍ରୀ ବଜେଟ ସମ୍ପର୍କିତ ବିଭିନ୍ନ ପ୍ରଶ୍ନର ଉତ୍ତର ଦେବା ସହ ଆଗାମୀ ଦିନରେ କେନ୍ଦୁଝର ଜିଲ୍ଲା କିପରି ବିକାଶର ନୂଆ ଶିଖର ଛୁଇଁବ, ସେନେଇ ନିଜର ମତାମତ ରଖିଥିଲେ।

- ଜିଲ୍ଲାରେ ହେବ ୨୦,୦୦୦ ଗଭୀର ନଳକୂପ ଓ ଉଠା ଜଳସେଚନ ପ୍ରକଳ୍ପ
- ଚେକ୍ ଡ୍ୟାମ୍ ନିର୍ମାଣ ପାଇଁ କାର୍ଯ୍ୟକାରୀ ହେବ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ଯୋଜନା
- ଶିଳ୍ପ ଭିତ୍ତିଭୂମିର ରକ୍ଷଣାବେକ୍ଷଣ ପାଇଁ ପାଣ୍ଠି ଗଠନ, ଜିଲ୍ଲା ପାଇଁ ସ୍ୱତନ୍ତ୍ର ଡିପିଆର୍
- ଜିଲ୍ଲାରେ ଚାଷୀଙ୍କ ପାଇଁ ଆଧୁନିକ ଗୋଦାମ ଘର ଓ ମଡେଲ ମଣ୍ଡି ନିର୍ମାଣ କରାଯିବ
- 'ଜଳ ଜୀବନ ମିଶନ' ଏବଂ 'ସୁଜଳା' ଯୋଜନାରେ ପ୍ରତିଟି ପରିବାର ପାଇବେ ପାଣି
- ଶିକ୍ଷାକ୍ଷେତ୍ରରେ ଜିଲ୍ଲା ପାଇଁ ଓଡ଼ିଶା ଆଦର୍ଶ ବିଦ୍ୟାଳୟକୁ ଫୋକସ୍, ୧,୨୨୪ କୋଟିର ଅଟକଳ

# ଗୁମୁରା ଗାଁରେ ଜଳ ଅର୍ପଣ ଦିବସ



ବାଲିବନ୍ଧ, ୮।୩(ସମିସ): ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଗୁମୁରା ପଞ୍ଚାୟତସ୍ଥିତ ଗୁମୁରା ନୋଡାଲ ଉଚ୍ଚବିଦ୍ୟାଳୟ ଖେଳପଡ଼ିଆରେ ଜଳ ଅର୍ପଣ ଦିବସ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଝୁମ୍ପୁରା ବ୍ଲକ ଅଧ୍ୟକ୍ଷା ମାଳତୀ ନାଏକ, ଗୁମୁରା ସରପଞ୍ଚ ତପନ ନାଏକ, ମୁଖ୍ୟମନ୍ତ୍ରୀଙ୍କ ଝୁମ୍ପୁରା ବ୍ଲକ ପ୍ରତିନିଧି ମହେନ୍ଦ୍ର ପଟ୍ଟନାୟକ, ସାଂସଦ ପ୍ରତିନିଧି ପଞ୍ଚାନନ ସାହୁ, ଝୁମ୍ପୁରା ବ୍ଲକ ଗ୍ରାମ୍ୟ ପାନୀୟଜଳ ଯୋଗଣ ଓ ପରିମଳ ବିଭାଗର ସାଂସଦ ପ୍ରତିନିଧି ପରମେଶ୍ୱର ପୃଷ୍ଟି, ସାଂସଦ ଶିକ୍ଷା ପ୍ରତିନିଧି ବିଜୟାନନ୍ଦ ବେହେରା, ଅତିରିକ୍ତ ଇଓ (ଜେଡପି) କେନ୍ଦୁଝର ଡା. ଶୁଭଦର୍ଶୀ ଯୋଶୀ, ବିଡିଓ ହୃଦାନନ୍ଦ ଅଡା, ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ, କେନ୍ଦୁଝର ଅଧୀକ୍ଷଣ ଯନ୍ତ୍ରୀ ପ୍ରତାପଚନ୍ଦ୍ର ବେହେରା, ଚମ୍ପୁଆ ଗ୍ରାମ୍ୟ ଜଳଯୋଗଣ ଓ ପରିମଳ ବିଭାଗ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ଧନୁର୍ଜୟ ମୁର୍ମୁ, ଗ୍ରାମ୍ୟ ପାନୀୟଜଳ ଯୋଗାଣ ଓ ପରିମଳ ବିଭାଗ ଚମ୍ପୁଆ ସହକାରୀ ନିର୍ବାହୀ ଯନ୍ତ୍ରୀ କରନ ସୋରେନ, ଝୁମ୍ପୁରା ବ୍ଲକ ସହକାରୀ ଯନ୍ତ୍ରୀ ମଳୟ ରାଉତ, ଝୁମ୍ପୁରା ବ୍ଲକ ଜିପିଡିଓ ମାନସରଞ୍ଜନ, ଗୁମୁରା ପିଇଓ ଫୁଲମଣୀ ନାଏକ, ଗୁମୁରା ନୋଡାଲ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଶିବଚରଣ ନାଏକ, ପ୍ରୋଜେକ୍ଟ ମ୍ୟାନେଜର ଗିରିଧରନ ଶ୍ରୀନିବାସନ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମେଗା ପାନୀୟଜଳ ଯୋଗାଣ ବ୍ୟବସ୍ଥା ପରିଚାଳନା କରିବା ନିମନ୍ତେ ପ୍ରତି ଗ୍ରାମପଞ୍ଚାୟତକୁ ବିଧିବଦ୍ଧ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଗ୍ରାମପଞ୍ଚାୟତଗୁଡିକ ମେଗା ପାନୀୟଜଳ, ସାହିବସ୍ତିରେ ନିୟମିତ ଏବଂ ସୁଚାରୁରୂପେ ପାଣି ଯୋଗାଇବା ନେଇ ପ୍ରାଥମିକତା ଦେବା ନେଇ ଆଲୋଚନା ହୋଇଥିଲା।

# ବାଇକ୍ ଧକ୍କାରେ ଜଣେ ମୃତ

ତୁରୁମୁଙ୍ଗା, ୮।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡା ବ୍ଲକ ଅନ୍ତର୍ଗତ ୨୨୦ ନମ୍ବର ଜାତୀୟରାଜପଥର ହଳଦୀ ବଟା ନିକଟରେ ଶନିବାର ରାତି ଅଜଣା ବାଇକ ଧକ୍କାରେ ଜଣଙ୍କର ମୃତ୍ୟୁ ହୋଇଛି। ମୃତକ ହେଲେ ହଳଦୀବଟା ଗ୍ରାମର ପରମେଶ୍ୱର ନାଏକ (୭୫)। ପରମେଶ୍ୱର ସାହାରପଡା ସାପ୍ତାହିକ ହାଟରୁ ଚାଲି ଚାଲି ଫେରୁଥିବା ସମୟରେ ଏକ ଅଜଣା ବାଇକ ଧକ୍କା ଦେଇ ଫେରାର ହୋଇଯାଇଥିଲା। ଗୁରୁତର ଅବସ୍ଥାରେ ପରମେଶ୍ୱରଙ୍କୁ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା। ରବିବାର ସାହାରପଡ଼ା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛନ୍ତି।

# ଜଙ୍ଗଲ ନିଆଁ ଓ ହାତୀ-ମଣିଷ ଲଢ଼େଇ ସଂକ୍ରାନ୍ତ ସଚେତନତା

ଆନନ୍ଦପୁର, ୮।୩ (ସମିସ): ବିଗତ କିଛି ଦିନ ହେବ ଆନନ୍ଦପୁରସ୍ଥିତ କାଠକଟା ଜଙ୍ଗଲରେ ଚଳିତ ବର୍ଷ ପ୍ରଥମ କରି ନିଆଁ ଲାଗିଥିଲା। ଏଥିରେ ପାଖାପାଖି ୧୦ ଏକରରୁ ଊର୍ଦ୍ଧ୍ୱ ଜଙ୍ଗଲ ଜଳି ଯାଇଥିଲା। ବ୍ୟାପକ ବୃକ୍ଷଲତା ନଷ୍ଟ ହୋଇଛି। ବନ୍ୟପ୍ରାଣୀଙ୍କ ବାସସ୍ଥାନ ବ୍ୟାପକ ଭାବେ କ୍ଷୟକ୍ଷତି ହୋଇଛି। ଜଙ୍ଗଲ ବିଭାଗ ଦ୍ୱାରା ଏହି ନିଆଁକୁ ଆୟତ୍ତ କରାଯାଇଥିଲା। ଏହି ଦୃଷ୍ଟିରୁ ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ କାଠକଟାର ବିଭିନ୍ନ ସ୍ୱେଚ୍ଛାସେବୀ ମହିଳା ଏବଂ ବୁଦ୍ଧିଜୀବୀଙ୍କୁ ନେଇ ଜଙ୍ଗଲ ନିଆଁ ଓ ହାତୀ ମଣିଷ ବିବାଦ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରିଥିଲେ। ଜଙ୍ଗଲ ନିଆଁକୁ ରୋକିବା ପାଇଁ ଜଙ୍ଗଲ ପାଖାପାଖି ସ୍ଥାନୀୟ ଅଞ୍ଚଳର ଅଧିବାସୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଆଲୋଚନା ହୋଇଥିଲା। ଆଗାମୀ ଦିନରେ ଏହି ସଚେତନତାକୁ ବ୍ୟାପକ କରାଯିବ ବୋଲି ପ୍ରକୃତିବନ୍ଧୁ ତ୍ରିଲୋଚନ ସାହୁ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମରେ ରାଜକିଶୋର ବାରିକ, ପ୍ରସନ୍ନ ନାହାକ, ରଞ୍ଜିତ ନାୟକ ଏବଂ ସୁଜୁନାପାଳ ଗ୍ରାମର ସତ୍ୟାନନ୍ଦ ନାୟକ, ସୁଶାନ୍ତ ଦେହୁରୀ ଓ ଟିକି ଦେହୁରୀ ପ୍ରମୁଖ ସହଯୋଗ କରିଥିଲେ। ବିଭିନ୍ନ ସମୟରେ ସଚେତନତାର ଅଭାବ ଯୋଗୁଁ ଜଙ୍ଗଲରେ ବାରମ୍ବାର ନିଆଁ ଲାଗୁଛି ବୋଲି ଶ୍ରୀ ସାହୁ କହିଛନ୍ତି। ଏହାକୁ ଆଖିଆଗରେ ରଖି ଶ୍ରୀ ସାହୁ ବିଭିନ୍ନ ସମୟରେ କାଠକଟା ଜଙ୍ଗଲ ଓ ଏହାର ନିକଟବର୍ତ୍ତୀ ଗ୍ରାମଗୁଡିକରେ ବ୍ୟାପକ ସଚେତନତା ସୃଷ୍ଟିକରି ଏକ ଭିନ୍ନ ପରିଚୟ ସୃଷ୍ଟି କରି ପାରିଛନ୍ତି। ବିଗତ କିଛି ବର୍ଷ ହେବ ଆନନ୍ଦପୁର ବନଖଣ୍ଡ ଅଧୀନରେ ଥିବା ବିଭିନ୍ନ ଜଙ୍ଗଲ ସ୍ଥାନରେ ନିଆଁ ବିଶେଷ ଭାବେ ଲାଗୁ ନଥିବା ନେଇ ଶ୍ରୀ ସାହୁ ସୂଚନା ଦେଇଛନ୍ତି।



# ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ






ଯୋଡ଼ା, ୮।୩(ସମିସ): ଯୋଡ଼ା ରୋଟାରୀ କ୍ଲବ ତରଫରୁ ଆନ୍ତର୍ଜାତିକ ମହିଳା ଦିବସ ଯୋଡ଼ାସ୍ଥିତ ଶାସ୍ତ୍ରୀ ନଗର କ୍ଲବ୍ ସଭାଗୃହରେ ପାଳିତ ହୋଇଯାଇଛି। ସଭାରେ ଯୋଡ଼ା ଥାନା ଭାରପ୍ରାପ୍ତ ଅଧିକାରୀ ପ୍ରଶାନ୍ତ କୁମାର ସାମଲ ମୁଖ୍ୟଅତିଥି ଭାବେ ଉପସ୍ଥିତ ମହିଳାଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ନିଜ ବକ୍ତବ୍ୟରେ ଜଣେ ନାରୀ ମା, ଭଉଣୀ, ସହଧର୍ମିଣୀ, କନ୍ୟା ରୂପରେ ନିଜର ଭୂମିକାକୁ ସଫଳ ରୂପାୟନ କରିବା ସହିତ ନେତାରୁ ରାଷ୍ଟ୍ରପତି ଓ ସରକାରୀ କର୍ମଚାରୀ ଭାବେ ତଳ ସ୍ତରରୁ ସଚିବ ସ୍ତର, ଯନ୍ତ୍ରୀରୁ ମନ୍ତ୍ରୀ, ସେବିକାରୁ ଡାକ୍ତରାଣୀ ପର୍ଯ୍ୟନ୍ତ ସବୁ କ୍ଷେତ୍ରରେ ନିଜର ଦକ୍ଷତା ପ୍ରତିପାଦନ କରିବା ସହିତ ପରିବାର ଓ ଦେଶ ଗଠନରେ ପ୍ରମୁଖ ଭୂମିକା ନେଇଥାନ୍ତି ବୋଲି କହିଥିଲେ। ରୋଟାରୀ କ୍ଲବର ପୂର୍ବତନ ସଭାପତି ସ୍ନିଗ୍ଧା କର ମହିଳାଙ୍କ ନିଜ ପରିବାର ପାଇଁ ତ୍ୟାଗ, ନିଷ୍ଠା, ଭଲ ପାଇବାକୁ ଆଲୋଚନା କରିଥିଲେ। ଏହି ସଭାରେ ରୋଟାରୀ କ୍ଲବର ସଭାପତି ରୋଟାରୀୟାନ ଜିତେନ୍ଦ୍ର ବୈଦ୍ୟ, ସମ୍ପାଦକ ପଦ୍ମ ବେହେରା, ରୋଟାରୀୟାନ ରୀନା ସିଙ୍ଘାନିଆ, ରାଜଶ୍ରୀ ମହାନ୍ତି, ରୋଟାରୀୟାନ ପ୍ରକାଶ ମହାନ୍ତି, ବିକାଶ ମହାନ୍ତି, ସିଦ୍ଧାର୍ଥ କର, ରାକେଶ ସିଙ୍ଘାନିଆ, ସ୍ୱରୂପ ପଣ୍ଡା, ଦୀପକ ବିହାରୀ, ଦିଲ୍ଲୀପ ରାଉତ ଓ ସାରଦା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**ତୁରୁମୁଙ୍ଗା:** ସାହାରପଡା ବ୍ଲକ ଗଣ୍ଡବେଡା ଗ୍ରାମରେ ଅସ୍ମାୟାର ତରଫରୁ ବଡ଼ବିଲ କ୍ଲଷ୍ଟର କର୍ମକର୍ତ୍ତାଙ୍କ ସହଯୋଗରେ ବିଶ୍ୱ ମହିଳା ଦିବସ ପାଳନ କରାଯାଇଛି। ବଡ଼ବିଲ କ୍ଲଷ୍ଟରର ଜଗଦାନନ୍ଦ ପାତ୍ର ବାଲ୍ୟବିବାହ ଓ ଶିଶୁ ଶ୍ରମିକଙ୍କୁ ବନ୍ଦ କରିବା ପାଇଁ ଆହ୍ୱାନ ଦେବା ସହିତ ଏହାଦ୍ୱାରା ସମାଜ ଉପରେ ପଡୁଥିବାକୁ ପ୍ରଭାବ ଉପରେ ବୁଝାଇଥିଲେ। ଏଲଏଫ ଜ୍ୟୋସ୍ନାମୟୀ ମହାନ୍ତ ବିଶ୍ୱ ମହିଳା ଦିବସ ପାଳନର ଉଦ୍ଦେଶ୍ୟ ଓ ମହିଳା ସଶକ୍ତିକରଣ ଉପରେ



ଆଲୋଚନା କରିଥିଲେ। ବଡ଼ବିଲ କ୍ଲଷ୍ଟର ମୃତ୍ୟୁଞ୍ଜୟ ମହାକୁଡ଼, ଝରଣା ମହାନ୍ତ, ମୀନା ମହାନ୍ତ, ରଶ୍ମି ମହାନ୍ତ, ପବନ ନାଏକ, ଅଙ୍ଗନବାଡ଼ି କର୍ମୀ ସୁଲୋଚନା ନାଏକ, ରୀନାରାଣୀ ନାଏକ, ଅରୁଣ କୁମାର ମହାନ୍ତ ସହଯୋଗ କରିଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ମାଧ୍ୟମରେ ଗାଁ ଗାଁରେ ସଚେତନତା ରାଲି କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଶତାଧିକ ମହିଳା ସାମିଲ ହୋଇଥିଲେ।

**ଆନନ୍ଦପୁର:** କର୍ମମୟ ଜୀବନ ହେଉ କି ପରିବାର ପ୍ରତି ଦାୟିତ୍ୱ, ସମସ୍ତ କ୍ଷେତ୍ରରେ ସଶକ୍ତ ହୋଇ ମହିଳାମାନେ ନିଜ ସାମର୍ଥ୍ୟ ଓ କ୍ଷମତାକୁ ପ୍ରତିପାଦିତ କରିଛନ୍ତି। ମହିଳାମାନଙ୍କ ଶକ୍ତି ଓ ସାହସ ଆମ ସମାଜକୁ ନୂତନ ଦିଗଦର୍ଶନ ଦେଇଛି। ନାରୀ ଶକ୍ତି, ନାରୀ ପ୍ରେରଣା। ସମାଜର ପ୍ରତିଟି କ୍ଷେତ୍ରରେ ନାରୀର ଅବଦାନ ଅତୁଳନୀୟ ବୋଲି ନାରୀନେତ୍ରୀ ଝାନ୍ସୀରାଣୀ ଦାସ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମତ ବ୍ୟକ୍ତ କରିଛନ୍ତି। ସେହିପରି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଆନନ୍ଦପୁର ବ୍ଲକ ବାଉଁଶଗଡ଼ ପଞ୍ଚାୟତ ସୁନ୍ଦୁରିଆ ଗ୍ରାମରେ ଓଡ଼ିଶା ରାଇଜିଂ ଫାଉଣ୍ଡେସନ ଓ ରିଲିଆନ୍ସ ଫାଉଣ୍ଡେସନ ଆନୁକୂଲ୍ୟରେ ମହିଳା ଦିବସ ପାଳନ ହୋଇଯାଇଛି। ଓଆରଏଫ ପ୍ରକଳ୍ପ ନିର୍ଦ୍ଦେଶକ ସତ୍ୟଶ୍ରୀ ପତିଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ରିଲିଆନ୍ସ ଫାଉଣ୍ଡେସନର ଆର. ରାଜେନ୍ଦର ମୁଖ୍ୟ ଅତିଥି ଓ ରାଧା ଠାକୁର, ଅଶୋକ ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରୁକ୍ମଣୀ ନାଏକ, ଶାନ୍ତିଲତା ନାଏକ, ସିମିତାରାଣୀ ନାଏକ, ଧନମଣି ଦଣ୍ଡପାଟ, ଜ୍ୟୋସ୍ନାରାଣୀ ନାଏକ, ଶ୍ରଦ୍ଧାଞ୍ଜଳି ନାଏକ, ପ୍ରମିଳା ନାଏକ, ପାର୍ବତୀ ନାଏକ, ପୁଷ୍ପାଞ୍ଜଳି ନାଏକ, ରାନୀ ନାଏକଙ୍କ ସହ ପ୍ରାୟ ୧୫୦ ମହିଳା ସଭାରେ ଯୋଗ ଦେଇଥିଲେ। ଓଆରଏଫ ପ୍ରୋଗ୍ରାମ ମୁଖ୍ୟ ସାଗରିକା ରାଏ ଧନ୍ୟବାଦ ଅର୍ପଣ କରିଥିଲେ।

# ଗାଡ଼ିଆରେ ବୁଡ଼ି ୩ ବର୍ଷର ଶିଶୁକନ୍ୟା ମୃତ

ତୁରୁମୁଙ୍ଗା, ୮।୩(ସମିସ): କେନ୍ଦୁଝର ଜିଲ୍ଲା ସାହାରପଡ଼ା ବ୍ଲକ ଗାଇଁସିରି ଗ୍ରାମରେ ଶନିବାର ଗାଡ଼ିଆରେ ବୁଡି ୩ ବର୍ଷର ଶିଶୁ କନ୍ୟାର ମୃତ୍ୟୁ ହୋଇଛି। ମୃତ ଶିଶୁ କନ୍ୟା ହେଲେ ଗାଇଁସିରି ଗ୍ରାମର ଦାମୁ ମୁଣ୍ଡାଙ୍କ କନ୍ୟା ଗମ୍ଭାରୀ। ସେ କିଛି ଅନ୍ୟ ପିଲାଙ୍କ ସହ ନଈବନ୍ଧକୁ ଗାଧୋଇବାକୁ ଯାଇଥିଲେ। ବନ୍ଧ ନିକଟରେ ଛୋଟ ଝିଅକୁ ଛାଡ଼ି ମା' କରଞ୍ଜ ମଞ୍ଜି ଗୋଟାଇବାକୁ ଯାଇଥିବା ସମୟରେ ଶିଶୁ କନ୍ୟାଟି ବୁଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ଉଦ୍ଧାର କରି କରଞ୍ଜିଆ ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ମୃତ ଘୋଷଣା କରିଛନ୍ତି। ସାହାରପଡା ଫାଣ୍ଡି ଅଧିକାରୀ ପାର୍ତ୍ତ ଓରାମ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ଏନେଇ ପାଟଣା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ମହିଳାଙ୍କ ବ୍ୟାଙ୍କ ଖାତାକୁ ଆସିଲା ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି

କେନ୍ଦୁଝର, ୮।୩(ସମିସ): ଆଜି ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ 'ସୁଭଦ୍ରା' ଯୋଜନାର ଚତୁର୍ଥ କିସ୍ତି ଟଙ୍କା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି। କେନ୍ଦୁଝର ଜିଲ୍ଲାସ୍ତରୀୟ ଉତ୍ସବରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ଏବଂ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ମନୋଜ ମଞ୍ଜରୀ ଶିଶୁ ଭବନର କୁନି କୁନି ଛାତ୍ରୀଙ୍କ ଦ୍ୱାରା ଅତି ସୁନ୍ଦର ସ୍ୱାଗତ ସଂଗୀତ ପରିବେଷଣ କରାଯାଇଥିଲା। ଜିଲ୍ଲାର ହଜାର ହଜାର ମହିଳାଙ୍କୁ ସଶକ୍ତ କରିବା ଲକ୍ଷ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଆକର୍ଷଣ ଥିଲା "ଗିଫ୍ଟ ଟୁ ଗିଭ' ବାର୍ତ୍ତା। ଏହି ଅବସରରେ ମନ୍ତ୍ରୀ କହିଥିଲେ ଯେ ସରକାର ଦେଉଥିବା ଏହି ସହାୟତା ମା' ମାନଙ୍କ ପାଇଁ କେବଳ ଏକ ଅର୍ଥରାଶି ନୁହେଁ, ବରଂ ଏକ ଉପହାର। ଏହି ଉପହାର ମାଧ୍ୟମରେ ମହିଳାମାନେ ସ୍ୱାବଲମ୍ବୀ ହୋଇ ନିଜ ପରିବାର ଓ ସମାଜର ଉନ୍ନତି ପାଇଁ ସହଯୋଗର ହାତ ବଢ଼ାଇବେ। ଜିଲ୍ଲାର ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୪ ଲକ୍ଷ ୪୦ହଜାର ମହିଳାଙ୍କୁ ୫,୦୦୦ ଟଙ୍କା ଲେଖାଏଁ ପ୍ରଦାନ କରାଯାଇଛି। ସମଗ୍ର ରାଜ୍ୟରେ ଏହି ଯୋଜନା ପାଇଁ ସରକାର ୫୦,୦୦୦ କୋଟି ଟଙ୍କା



ଖର୍ଚ୍ଚ କରିବାର ଲକ୍ଷ୍ୟ ରଖିଛନ୍ତି। ସରକାରଙ୍କ ପ୍ରତ୍ୟେକ ଯୋଜନା ଯେପରି ସାଧାରଣ ଲୋକଙ୍କ ଘର ପାଖରେ ପହଞ୍ଚିବ ଏବଂ ପ୍ରତିଟି ପରିବାର ଉପକୃତ ହେବେ, ତାହାହିଁ ସରକାରଙ୍କ ମୂଳ ଲକ୍ଷ୍ୟ। ରାଜ୍ୟ ସରକାରଙ୍କ ଏହି ପଦକ୍ଷେପ ମହିଳାମାନଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ସହ ସେମାନଙ୍କ ସାମାଜିକ ମର୍ଯ୍ୟାଦା ବୃଦ୍ଧି କରିବାରେ ଏକ ମାଇଲଖୁଣ୍ଟ ସଦୃଶ ହେବ ବୋଲି ଆଶା କରାଯାଉଛି। ଏହି ଅବସରରେ ପୁରୀଠାରେ ଆୟୋଜିତ ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମର ସିଧା ପ୍ରସାରଣ ମାଧ୍ୟମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ଉଦ୍‌ବୋଧନ ଦେଇଥିଲେ ଯେ ନାରୀମାନଙ୍କ ଉନ୍ନତି ବିନା ବିଶ୍ୱର ପ୍ରଗତି ଅସମ୍ଭବ। ସୁଭଦ୍ରା ଯୋଜନା ହେଉଛି ନାରୀ ଶକ୍ତିର ଏକ ନିଚ୍ଛକ ପ୍ରତିଛବି। କାର୍ଯ୍ୟକ୍ରମରେ କେନ୍ଦୁଝର ଜିଲ୍ଲାପାଳ ବିଶାଳ ସିଂହ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, କେନ୍ଦୁଝରଗଡ଼ ପୌରପାଳିକା ଅଧ୍ୟକ୍ଷା ନିକୁ ସାହୁ, ବନଖଣ୍ଡ ଅଧିକାରୀ ଧନରାଜ ଏଚଡ଼ି, ସମାଜ କଲ୍ୟାଣ ଅଧିକାରୀ ସବିତା ଦାସ ଉପସ୍ଥିତ ଥିଲେ। ପରେ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ ଏକ ସାମ୍ବାଦିକ ସମ୍ମିଳନୀ କରି 'ସୁଭଦ୍ରା' ଯୋଜନାର ସଫଳ ରୂପାୟନ, ହିତାଧିକାରୀଙ୍କ ସୁବିଧା ଏବଂ ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ।

# ଶକ୍ତି ପଦଯାତ୍ରା ସହ ଅନ୍ତର୍ଜାତୀୟ ମହିଳା ଦିବସ ଉଦ୍‌ଯାପିତ

କେନ୍ଦୁଝର, ୮।୩(ସମିସ): ଅନ୍ତର୍ଜାତୀୟ ମହିଳା ଦିବସ ପାଳନର ତୃତୀୟ ତଥା ଉଦଯାପନୀ ଦିବସ ଅବସରରେ ଆଜି କେନ୍ଦୁଝର ସହରରେ ଏକ ବିଶାଳ 'ଶକ୍ତି ପଦଯାତ୍ରା' ବା ପାୱାର ୱାକ୍ ଅନୁଷ୍ଠିତ ହୋଇଯାଇଛି। 'ସେ ଚାଲିଲେ, ଭାରତ ଚାଲେ' ବିଷୟବସ୍ତୁକୁ ଆଧାରକରି ଆୟୋଜିତ ଏହି ପଦଯାତ୍ରା ମହିଳା ସଶକ୍ତୀକରଣର ଏକ ନୂତନ ବାର୍ତ୍ତା ବହନ କରିଛି। ବିଷୟବସ୍ତୁ ମାଧ୍ୟମରେ ସମାଜକୁ ଏହି ବାର୍ତ୍ତା ଦିଆଯାଇଛି ଯେ ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ସେତେବେଳେ ସମଗ୍ର ଦେଶ ପ୍ରଗତି ପଥରେ ଅଗ୍ରସର ହୁଏ। ଏଥିରେ ଏନସିସି, ଏନଏସଏସ ସ୍ୱେଚ୍ଛାସେବୀ, ଆଇସିଡିଏସ କର୍ମଚାରୀ, ମହିଳା ପୁଲିସ୍ ଓ ବହୁ ସଂଖ୍ୟାରେ ମହିଳା ସାମିଲ ହୋଇଥିଲେ। ଏଥିରେ ଅଂଶଗ୍ରହଣ କରିଥିବା ମହିଳା, ବିଶେଷକରି ଗୃହିଣୀ ଏବଂ ଛାତ୍ରୀମାନଙ୍କ ମଧ୍ୟରେ ଏକତା ଏବଂ ଆତ୍ମବିଶ୍ୱାସର ଭାବନା ଜାଗ୍ରତ କରାଯାଇଛି। ସର୍ବସାଧାରଣ ସ୍ଥାନରେ ମହିଳାଙ୍କ ଏହି ବିଶାଳ ଉପସ୍ଥିତି



ସେମାନଙ୍କ ସାମାଜିକ ଅଧିକାର ଏବଂ ସମ୍ମାନକୁ ଦର୍ଶାଉଛି। ସେମାନଙ୍କର ଯୋଗଦାନ ସ୍ପଷ୍ଟ କରୁଛି ଯେ ମହିଳା ଶକ୍ତି କେବଳ ଅଫିସରେ ସୀମିତ ନୁହେଁ, ବରଂ ପ୍ରତିଟି ଘରରୁ ହିଁ ଶକ୍ତିର ଆରମ୍ଭ। ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକଙ୍କ ତତ୍ତ୍ୱାବଧାନରେ ଗତ ମାର୍ଚ୍ଚ ୬ ତାରିଖରୁ ଆରମ୍ଭ ହୋଇଥିବା ଏହି ଉତ୍ସବ ଆଜି ସଫଳତାର ସହ ଉଦଯାପିତ ହୋଇଛି। ସ୍ଥାନୀୟ ହ୍ୟାଣ୍ଡବଲ୍ ଗ୍ରାଉଣ୍ଡଠାରେ କେନ୍ଦୁଝରଗଡ଼ ପୌରପାଳିକାର ଅଧ୍ୟକ୍ଷା ନିକୁ ସାହୁ, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଉପଜିଲ୍ଲାପାଳ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।

## ବିଭିନ୍ନ ସ୍ଥାନରେ ଅନ୍ତର୍ଜାତୀୟ ମହିଳା ଦିବସ

# ସଂସ୍କୃତି ଓ ମୂଲ୍ୟବୋଧ ଗଠନରେ ନାରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ




ବାରିପଦା, ୮ ।୩(ସମିସ)

ସ୍ଥାନୀୟ ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସି ଆଣ୍ଡ ମ୍ୟାନେଜମେଣ୍ଟରେ ଗିଭ୍ ଟୁ ଗେନ୍ ଥିମ୍‌କୁ ଆଧାର କରି ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। କାର୍ଯ୍ୟକ୍ରମରେ କଲେଜର ଉପାଧ୍ୟକ୍ଷା ସଂଘମିତ୍ରା ରାଉତ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ପ୍ରାଣୀ ବିଜ୍ଞାନ ବିଭାଗର ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା ଯୋଗଦେଇ ନାରୀମାନଙ୍କର ସମାଜ ଗଠନରେ ଅବଦାନ ବିଷୟରେ ଆଲୋଚନା କରିଥିଲେ। ସେ କହିଥିଲେ ଯେ ନାରୀମାନେ ସମାଜର ସଂସ୍କୃତି ଓ ମୂଲ୍ୟବୋଧ ଗଠନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଛନ୍ତି। ମୁଖ୍ୟ ଅଭିଭାଷକ ଭାବେ ଲକ୍ଷ୍ମୀକାନ୍ତ ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା ତଥା ସୁଲେଖିକା ଡ଼ଃ ପୁଷ୍ପାରାଣୀ ପାତ୍ର ଉପସ୍ଥିତ ରହି ଆଜିର ଦିବସର ଥିମ୍ 'ଗିଭ୍ ଟୁ ଗେନ୍'ର ଗୁରୁତ୍ୱ ବ୍ୟାଖ୍ୟା କରିଥିଲେ। ସେ ପୁରୁଷ ଓ ନାରୀଙ୍କ ମଧ୍ୟରେ ପରସ୍ପର ସମ୍ମାନ ଓ ସହଯୋଗର ଆବଶ୍ୟକତା ଉପରେ ଜୋର ଦେଇଥିଲେ ଏବଂ କହିଥିଲେ ଯେ ସଶକ୍ତିକରଣ ଦୁଇପକ୍ଷୀୟ ପ୍ରକ୍ରିୟା। ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନ ବିଭାଗର ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା ସମ୍ମାନିତ ଅତିଥି ଭାବେ ଯୋଗଦେଇ ନାରୀମାନେ ସମ୍ମୁଖୀନ କରୁଥିବା ସମସ୍ୟା ଓ ସମାଜ ପାଇଁ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ଆଲୋକ ପାତ କରିଥିଲେ। ସଭାପତିତ୍ୱ ଭାଷଣରେ ସଂଘମିତ୍ରା ରାଉତ ଛାତ୍ରଛାତ୍ରୀଙ୍କୁ ନାରୀଙ୍କୁ ସମ୍ମାନ କରିବା ସହିତ ନିଜସ୍ୱ ପରିଚୟ ଗଢ଼ିବାକୁ ପ୍ରେରିତ କରିଥିଲେ। କଲେଜର ଅଧ୍ୟକ୍ଷ ପ୍ରଫେସର ପ୍ରଦୀପ କୁମାର ନାୟକ ଭାରତୀୟ ସଂସ୍କୃତିର ମୂଲ୍ୟବୋଧ ଉପରେ ଜୋର ଦେଇ କଲେଜ ପକ୍ଷରୁ ନାରୀ ସଶକ୍ତିକରଣ ପ୍ରତି ସଦା ସହଯୋଗ ଜାରି ରହିବ ବୋଲି ଆଶ୍ୱାସନା ଦେଇଥିଲେ। ମୁଖ୍ୟଅତିଥି ପ୍ରଫେସର ଡ. ପୁଷ୍ପାଞ୍ଜଳି ପରିଡ଼ା, ମୁଖ୍ୟବକ୍ତା ଡ଼ ପୁଷ୍ପାରାଣୀ ପାତ୍ର, ସମ୍ମାନିତ ଅତିଥି ପ୍ରଫେସର ଡ. ବିଷ୍ଣୁପ୍ରିୟା ହାଁସଦା, ସମାଜ ସେବିକା ଇପ୍ସିତା ପାତ୍ର, ଲେଡି ହାମିଲଟନ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ମୀନାରାଣୀ ପାତ୍ର ଓ କମଳା ନେହେରୁ ବାଳିକା ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ରଶ୍ମି ଦେବୀ ସାୟନ, ରାଖାଲ ଗୋପ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମାରାଣୀ ଦାଶ, ଶ୍ରୀପଦଗଞ୍ଜ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ବେହେରା, ବିବେକାନନ୍ଦ ଶିକ୍ଷକେନ୍ଦ୍ରର ଶିକ୍ଷୟିତ୍ରୀ ରଞ୍ଜିତା ମହାନ୍ତି, ଶ୍ରୀପଦଗଞ୍ଜ ହାଇସ୍କୁଲର ଶିକ୍ଷୟିତ୍ରୀ ସୁଲୋଚନା ମଙ୍ଗରାଜ ତଥା ସମାଜ ସେବିକା ବିଷ୍ଣୁପ୍ରିୟା ଦାସଙ୍କୁ ସମାଜ ପାଇଁ ତାଙ୍କର ଅବଦାନ ନିମନ୍ତେ ସମ୍ମାନିତ କରାଯାଇଥିଲା। ଛାତ୍ରୀ ପ୍ରକାଶିନି ସାହୁଙ୍କ ଦ୍ୱାରା ସ୍ୱାଗତ ନୃତ୍ୟ ପ୍ରଦର୍ଶିତ ହୋଇଥିଲା। ମୟୂରଭଞ୍ଜ କଲେଜ ଅଫ୍ ଆକାଉଣ୍ଟାନ୍ସିର ସମସ୍ତ ଅଧ୍ୟାପିକା, ମୟୂରଭଞ୍ଜ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲ ଓ ମହର୍ଷି ଇଣ୍ଟରନ୍ୟାସନାଲ ପବ୍ଲିକ ସ୍କୁଲର ମହିଳା ଶିକ୍ଷକ ତଥା ସମସ୍ତ ମହିଳା କର୍ମଚାରୀମାନଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା।

ବାରିପଦା: ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ସମାଜ ମଙ୍ଗଳ ବିଭାଗର ମିଳିତ ଅନୁକୂଲ୍ୟରେ ଅନ୍ତର୍ଜାତୀୟ ମହିଳା ଦିବସ ଆଜି ପାଳନ ହୋଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୃହ ଓ ନଗର ଉନ୍ନୟନ ବିଭାଗ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ ଓ ସଓରସକଣା ବିଧାୟକ ଭାଦବ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ଚାରି ଜଣ ପ୍ରତିଭା ଶାଳୀ ମହିଳା ଅଞ୍ଜଳି ମିଶ୍ର ( ରେଡ଼ିଓ ଓ ଦୂରଦର୍ଶନ ଦ୍ୱାରା ସ୍ୱୀକୃତ ପୁରସ୍କୃତ କରାଯାଇଥିଲା। ଜିଲ୍ଲାସ୍ତରୀୟ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀ, ଅଙ୍ଗନବାଡି କର୍ମୀ ଓ ସହକର୍ମୀଙ୍କୁ ମଧ୍ୟ ପୁରସ୍କୃତ କରାଯାଇଥିଲା। ଉତ୍କଳ ବାଳାଶ୍ରମ, ଶକ୍ତି ସଦନ ଅନ୍ତେବାସୀ ଗଣ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଏଥିରେ ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ମହିଳା ଯୋଗଦାନ କରିଥିଲେ। ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥବା ୮୫ ଜଣ ବିଭାଗୀୟ ଅଧିକାରୀ ଏବଂ ସ୍କୁଲ ଛାତ୍ର ଛାତ୍ରୀଙ୍କୁ ସମ୍ମାନିତ କରାଯାଇଥିଲ। ଜିଲ୍ଲାପାଳ




ପ୍ରାପ୍ତ ଟପ୍ପ ଗ୍ରେଡ୍ ଗାୟିକା ), ଲକ୍ଷ୍ମୀ ଜେନା ( ଶ୍ମଶାନରେ ଶବ ସତ୍କାର କରୁଥିବା ଜଣେ ସାହସୀ ମହିଳା ), ଲକ୍ଷ୍ମୀ ପ୍ରିୟା ବେହେରା ( ବର୍ଜ୍ୟବସ୍ତୁ ଗାଡି ଚାଳକ), ବାହା ହେମ୍ବ୍ରମ ( ରାଜ ମିସ୍ତ୍ରୀ )ଙ୍କୁ ମୁଖ୍ୟଅତିଥି ସମ୍ମାନିତ କରିଥିଲେ। ବିଭିନ୍ନ ପ୍ରକଳ୍ପର ଶ୍ରେଷ୍ଠ ଶିଶୁ ଉନ୍ନୟନ ପ୍ରକଳ୍ପ ଅଧିକାରୀ, ଶ୍ରେଷ୍ଠ ସୁପରଭାଇଜର, ଶ୍ରେଷ୍ଠ ଅଙ୍ଗନବାଡି କର୍ମୀ ଓ ଶ୍ରେଷ୍ଠ ଅଙ୍ଗନବାଡି ସହକର୍ମୀଙ୍କୁ ହେମକାନ୍ତ ସଏ, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାୟକ, ମୁଖ୍ୟ ଉନ୍ନୟନ ଅଧିକାରୀ (ଜିଲ୍ଲା ପରିଷଦ) ଧର୍ମାନନ୍ଦ ବେହେରା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ନିହାରିକା ମହାନ୍ତି, ସମାଜ ମଙ୍ଗଳ ଅଧିକାରୀ ଅନ୍ନପୂର୍ଣ୍ଣା ବୁରୁଡ଼ା, ଜିଲ୍ଲା ସୁରକ୍ଷା ଅଧିକାରୀ ସସ୍ମିତା ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ବାରିପଦା ଉପଖଣ୍ଡ କାର୍ଯ୍ୟକାରୀ ଅଧିକାରୀ ମିନତୀ ସାହୁ ସଞ୍ଚାଳନ କରିଥିଲେ।

ବାରିପଦା : ଜିଲ୍ଲା ଆଇନ ସେବା ପ୍ରାଧିକରଣ ଦ୍ୱାରା ଆଜି ବାରିପଦାସ୍ଥିତ ଆବର୍ଜନା ପ୍ରକ୍ରିୟାକରଣ କେନ୍ଦ୍ର ପରିସରରେ ଥିବା ସମ୍ମିଳନୀ ଗୃହରେ ଆନ୍ତର୍ଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ତଥା ଜିଲ୍ଲା ଓ ଦୌରାଜଜ୍ ସୁଦୀପ୍ତ ଆଚାର୍ଯ୍ୟଙ୍କ ନିର୍ଦ୍ଦେଶ କ୍ରମେ ଅନୁଷ୍ଠିତ ହୋଇଥିବା ଏହି କାର୍ଯ୍ୟକ୍ରମରେ ପ୍ରାଧିକରଣର ସଚିବ ରାଜଶ୍ରୀ ପଟ୍ଟନାୟକ ପୌରୋହିତ୍ୟ କରି ସାମ୍ପ୍ରତିକ ସମୟରେ ଜାତୀୟ ଓ ଆଞ୍ଚଳିକ ସ୍ତରରେ ପ୍ରଗତି ନିମନ୍ତେ ମହିଳା ମାନଙ୍କ ଅବଦାନ ଓ ଗୁରୁତ୍ୱ ସମ୍ବନ୍ଧରେ ମହିଳାମାନଙ୍କୁ ସଚେତନ କରାଇଥିଲେ। ମହିଳାମାନେ କିପରି ନିଜେ ନିଜର ଉନ୍ନତି ସାଧନ କରିବା ସହିତ ଦେଶର ଉନ୍ନତିରେ ମଧ୍ୟ କର୍ଣ୍ଣଧାର ସାଜିପରିବେ ସେ ନେଇ ଏକ ବିସ୍ତୃତ ଆଲୋଚନା କରାଯାଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ସିନିୟର ସିଭିଲ ଜଜ ସତରୂପା ଶତପଥୀ, ଏସ୍‌ଡିଜେଏମ୍ ଜୁଏଲ ପଟ୍ଟନାଏକ, ଲକ୍ଷ୍ମୀପ୍ରିୟା ସ୍ୱାଇଁ, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସବିତା ମାଝୀ, ଓଡ଼ିଶା ଜୀବିକା ମିସନର ସଂଯୋଜିକା ମିନତୀ ମହାପାତ୍ର, ନ୍ୟାୟରକ୍ଷକ ସତ୍ୟ ନାରାୟଣ ବେହେରା ଓ ସଂଯୁକ୍ତା ସିଂ ପ୍ରମୁଖ ଯୋଗ ଦେଇଥିଲେ। ପ୍ରକ୍ରିୟାକରଣ କେନ୍ଦ୍ରର ଅଧ୍ୟକ୍ଷା ନିରୂପମା ସ୍ୱାଇଁ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

ବାରିପଦା: ବାରିପଦା ବ୍ଲକର ହାତୀକୋଟ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ସ୍ୱାର-ହେଇଫେର ଦ୍ୱାରା ଅନ୍ତଜାତିକ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଡ. ସୁଭଦ୍ରା ନାୟକ ଓ ସମ୍ମାନିତ ଅତିଥି ଭାବେ ନୟନା ବେହେରା, ସରପଞ୍ଚ ଟୀତିଲି ସରେନ ଏବଂ ମଧୁସ୍ମିତା ପଟ୍ଟନାୟକ ଯୋଗ ଦେଇଥିଲେ। ମହିଳାମାନେ ନିଜ ଅଧିକାର ବିଷୟରେ କିପରି ସଚେତନ ହୋଇ ନ୍ୟାୟ ପାଇଁ ଲଢ଼ିପାରିବେ, ସେନେଇ ଆଲୋଚନା କରାଯାଇଥିଲା। ଶିକ୍ଷା ଦିଗରେ ଆଗକୁ ନେବେ ତଥା ଆୟ, ସଞ୍ଚୟ ଏବଂ ପୁଷ୍ଟିକର ଖାଦ୍ୟ ଦ୍ୱାରା ନିଜର ରୋଜଗାର ବଢେଇ ପାରିବେ ଆଲୋଚନା ହୋଇଥିଲା। ଛେଳି ପାଳନ କରି ଲକ୍ଷପତି ଦିଦି କେମିତି ହେବେ ସମସ୍ତେ ଶପଥ ନେଇ ଥିଲେ। ଶେଷରେ ସ୍ୱାର ପିସି ରୋହିମା ନିଶା ସମସ୍ତେଙ୍କୁ ଧନ୍ୟବାଦ ଦେଇଥିଲେ। ସ୍ୱପ୍ନା ମହାନ୍ତ, ପାର୍ବତୀ ମହାନ୍ତ, ବେବି ମନି ମହାନ୍ତ, ଦଶରଥ ହେମ୍ବ୍ରମ, ଉତ୍ତମ ଦାଶ, କ୍ଲାନ୍ତି ସିଂ ସମସ୍ତେ ସହଯୋଗ କରିଥଲେ। ସ୍ମୃତି ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।




ବାରିପଦା: ମହିଳାମାନଙ୍କର ସମାଜ ଗଠନରେ ଅପୂର୍ବ ଅବଦାନକୁ ସ୍ମରଣ କରି ପ୍ରତିବର୍ଷ ମାର୍ଚ୍ଚ ୮ ତାରିଖରେ ଆନ୍ତର୍ଜାତୀୟ ମହିଳା ଦିବସ ପାଳନ କରାଯାଏ। ଏହି ଅବସରରେ ନିୟତୀ ଫାଉଣ୍ଡସନ ତରଫରୁ ଆୟୋଜିତ କାର୍ଯ୍ୟକ୍ରମରେ କ୍ରେଚ୍ କର୍ମୀ, ଆଙ୍ଗନବାଡ଼ି କର୍ମୀ, ଆଶା କର୍ମୀ ଓ ସ୍ଥାନୀୟ ମହିଳାମାନେ ଅଂଶଗ୍ରହଣ କରିଥିଲେ। ସଂଗଠନ ତରଫରୁ ସୁମନ୍ତ କୁମାର ପଣ୍ଡା, ମୋନରଞ୍ଜ ମହାନ୍ତ, ଅନୁରାଗ ପ୍ରଧାନ ଓ ସଙ୍ଗୀତା ବେହେରାଙ୍କ ଦ୍ୱାରା ଅତିଥିମାନଙ୍କୁ ସ୍ୱାଗତ କରାଯାଇଥିଲା। ଆଶିଷ କୁମାର ମହାନ୍ତ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ପରିଚୟ ଉପସ୍ଥାପନ କରିଥିଲେ। ମୁଖ୍ୟଅତିଥି ସମାଜ ସେବୀ ସୌମ୍ୟ ରଞ୍ଜନ ମିଶ୍ର ଓ ଅଜୟ ଜେନା ମହିଳାମାନଙ୍କର ଅଧିକାର, ଶିକ୍ଷା ଓ ସ୍ୱାବଳମ୍ବନ ଉପରେ ଆଲୋକପାତ କରି ସମାଜର ସମସ୍ତଙ୍କୁ ମହିଳା ସମ୍ମାନ ଓ ସମାନ ଅବସର ଦେବାକୁ ଆହ୍ୱାନ କରିଥିଲେ। ଏହାପରେ ବଡ଼ଯୋଡ ପଞ୍ଚାୟତର ସରପଞ୍ଚ ମହାଦାୟା ଲକ୍ଷ୍ମୀମଣି ନାଏକ ଗ୍ରାମ ଉନ୍ନତିରେ ମହିଳାମାନଙ୍କ ଅବଦାନ ଓ ସରକାରୀ ଯୋଜନାର ସଦ୍‌ବ୍ୟବହାର ବିଷୟରେ କଥା କହିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ମହିଳାମାନଙ୍କ ସମ୍ମାନ, ସହଯୋଗ ଓ ସଶକ୍ତିକରଣ ପ୍ରତି ସମାଜରେ ସଚେତନତା ବଢ଼ାଇବାର ଚେଷ୍ଟା କରାଯାଇଥିଲା।

ବାରିପଦା: ସମାଜସେବୀ ସଂଗଠନ ଜ୍ଞାନଶ୍ରୀ ଆନୁକୂଲ୍ୟରେ ଆନ୍ତର୍ଜାତିକ ମହିଳା ଦିବସ ମୟୂରଭଞ୍ଜ ଜିଲ୍ଲାର କୃଷ୍ଣଚନ୍ଦ୍ରପୁର ସ୍ଥିତ ମୁଲୁଚାନ୍ଦ କାରିଗର ଉତ୍ପାଦକ ସଂଗଠନ ରେ ପାଳିତ ହୋଇଯାଇଛି। ସମ୍ପାଦକ ପ୍ରଶାନ୍ତ କୁମାର ପଟେଲଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଲୁଚାନ୍ଦର ସଭାପତି କୁନି ସିଂ, କୋଷାଧ୍ୟକ୍ଷା ନିଶାମଣି ନାଏକ, ଜ୍ଞାନଶ୍ରୀର ସଦସ୍ୟ ଜ୍ୟୋତି ପ୍ରକାଶ ପାଢ଼ୀ, ସଦସ୍ୟା ଜ୍ୟୋତି ପ୍ରଜ୍ଞା ଦାସ ଯୋଗଦାନ କରିଥିଲେ। ଏହି ଅବସରରେ ଦୁଇଶହ ଆଦିବାସୀ ମହିଳାଙ୍କୁ ନେଇ ସବାଇ ଘାସରେ ବିଭିନ୍ନ ହସ୍ତଶିଳ୍ପ ସାମଗ୍ରୀ ପ୍ରସ୍ତୁତ ତଥା ବିକ୍ରୟ ସହିତ ବିଭିନ୍ନ ରାଜ୍ୟସ୍ତରୀୟ ଏବଂ ଜାତୀୟ ସ୍ତରୀୟ ପ୍ରଦର୍ଶନୀ ରେ ଅଂଶଗ୍ରହଣ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସଭାପତି କୁନି ସିଂଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଜ୍ଞାନଶ୍ରୀ ଏବଂ ମୁଲୁଚାନ୍ଦର ସମସ୍ତ ସଦସ୍ୟ ସଦସ୍ୟା ପରିଚାଳନା କରିଥିବାବେଳେ ସଦସ୍ୟା ସମବାରୀ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।




# କୁଡୁମି-ମହାନ୍ତ ମହାସଭାର ସମ୍ବର୍ଦ୍ଧନା ସଭା



ବାରିପଦା, ୮ ।୩(ସମିସ): ସ୍ଥାନୀୟ ଜନାର୍ଦ୍ଦନପୁରଠାରେ ବରିଷ୍ଠ ସଦସ୍ୟ ଆଡଭୋକେଟ ଅବନୀ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ କୁଡୁମି-ମହାନ୍ତ ମହାସଭାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଦୁଇଜଣ କୁଡୁମି କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଧରଣୀଧର ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନର ଅଧ୍ୟାପକ ଡ. ରଞ୍ଜନ କୁମାର ମହାନ୍ତଙ୍କୁ ତାଙ୍କ ସନ୍ଦର୍ଭ 'ଭାରତବର୍ଷରେ ରାଜନୈତିକ ଦଳଗୁଡ଼ିକର କାର୍ଯ୍ୟଧାରା: ୧୯୯୫ ମସିହା ପରବର୍ତ୍ତୀ ଦୃଶ୍ୟପଟ'ର ଅନୁମୋଦନ ପାଇଁ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ବିଶ୍ୱବିଦ୍ୟାଳୟ ତରଫରୁ ପିଏଚଡି ଉପାଧି ପ୍ରଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଛି। ତାଙ୍କ ଗାଇଡ୍ ଥିଲେ ପ୍ରୋଫେସର ଝରଣା ବେହେରା, ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷା। ଏ ଦିଗରେ ତାଙ୍କ ସହଧର୍ମିଣୀ ମଧୁସ୍ମିତା ମହାନ୍ତ, ଶ୍ୟାମପାଟଣା ମହାବିଦ୍ୟାଳୟର ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ତାଙ୍କୁ ସହଯୋଗ କରିଥିବା ଯୋଗୁଁ ତାଙ୍କୁ ମଧ୍ୟ ସ୍ୱାଗତ କରାଯାଇଛି। ଏହା ସହିତ କନିଷ୍ଠ ଅଧ୍ୟାପକ ଭାବେ କୃତକାର୍ଯ୍ୟ ହୋଇଥିବା ପ୍ରଭାଶ କୁମାର ମହାନ୍ତଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି। ଶିକ୍ଷା ବିନା କୌଣସି ଜାତି ଓ ସମ୍ପ୍ରଦାୟର ବିକାଶ ସମ୍ଭବପର ନୁହେଁ। ତେଣୁ କୁଡୁମୀମାନଙ୍କ ବିକାଶ ପାଇଁ ଶିକ୍ଷାର ପ୍ରସାର ଉପରେ ସ୍ୱତନ୍ତ୍ର ଧ୍ୟାନ ଦେବାକୁ ମହାସଭା ତରଫରୁ କୁହାଯାଇଛି। ମହାସଭାର ସଚିବ ଆଡଭୋକେଟ ବସନ୍ତ କୁମାର ମହାନ୍ତ, ବୈଦ୍ୟନାଥ ମହାନ୍ତ, ପ୍ରୋଫେସର ବସନ୍ତ ମହାନ୍ତ, ଆଡଭୋକେଟ ପଦ୍ମଲୋଚନ ମହାନ୍ତ, କୃପାସିନ୍ଧୁ ମହାନ୍ତ, କୁଡମାଲୀ କାଲଚୁରାଲ ଆସୋସିଏସନର ସଭାପତି ଡ. ଭକ୍ତହରି ମହାନ୍ତ ଓ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତ, ଆଦିମ୍ କୁଡୁମୀ ସମାଜର ସଭାପତି ପଦ୍ମଲୋଚନ ମହାନ୍ତ, ପ୍ରୋଫେସର ମାନିକ ଚନ୍ଦ୍ର ମାହାତୋ, ଅଧ୍ୟାପିକା କଳ୍ପନା ମହାନ୍ତ, ଡ. ଯତୀନ୍ଦ୍ରନାଥ ସିଂହଦେବ ସଚାନ, ଇଂ. ପ୍ରଦୀପ ମହାନ୍ତ, ଆଡଭୋକେଟ୍ ଅଶ୍ୱନୀ ମହାନ୍ତ, ଅନୀଲ କୁମାର ମହାନ୍ତ, ସାନ୍ତ୍ୱନା ମହାନ୍ତ, ପୂର୍ଣ୍ଣଚନ୍ଦ୍ର ମହାନ୍ତ, ପ୍ରତିଭା ମହାନ୍ତ, ଅଧ୍ୟାପକ ଗୋପବନ୍ଧୁ ପ୍ରମୁଖ ଏହି ସଭାରେ ଉପସ୍ଥିତ ଥିଲେ।

# ସ୍ୱଚ୍ଛତା କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡ଼ି କର୍ମୀଙ୍କୁ ସମ୍ବର୍ଦ୍ଧନା



ବାରିପଦା, ୮ ।୩(ସମିସ): ଆନ୍ତର୍ଜାତୀୟ ମହିଳା ଦିବସ ଅବସରରେ ହୋପ୍ସ ଟ୍ରଷ୍ଟ ପକ୍ଷରୁ ସ୍ଥାନୀୟ ଅଞ୍ଚଳର ସ୍ୱଚ୍ଛତା କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀମାନଙ୍କୁ ସମ୍ମାନ ଜଣାଇବା ପାଇଁ ଏକ ଭବ୍ୟ ସମ୍ମାନ ସମାରୋହ ଆୟୋଜିତ ହୋଇଥିଲା। ସମାଜର ସ୍ୱାସ୍ଥ୍ୟ, ସ୍ୱଚ୍ଛତା ଓ ସମାଜସେବା କ୍ଷେତ୍ରରେ ଏହି କର୍ମୀମାନଙ୍କର ଅମୂଲ୍ୟ ଅବଦାନକୁ ସ୍ମରଣ କରି ସେମାନଙ୍କୁ ସମ୍ମାନ ପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା। ଏହି ଅବସରରେ କାଉନସିଲର ଦେବାଶିଷ ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ ଯେ ସ୍ୱଚ୍ଛତା କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀମାନେ ସମାଜର ଅଦୃଶ୍ୟ ନାୟିକା। ସେମାନଙ୍କର ଦୈନନ୍ଦିନ ପରିଶ୍ରମ ଓ ନିଷ୍ଠା ଦ୍ୱାରା ଆମ ସମାଜ ସୁସ୍ଥ ଓ ସୁରକ୍ଷିତ ରହୁଛି। ସେମାନଙ୍କର ସେବାକୁ ସମାଜ ସଦା ସ୍ମରଣ କରିବା ଉଚିତ ବୋଲି ସେ କହିଥିଲେ। ମୁଖ୍ୟବକ୍ତା ପ୍ରଶାନ୍ତ ମହାପାତ୍ର ତାଙ୍କର ଉଦ୍‌ବୋଧନରେ ମହିଳାମାନଙ୍କର ସମାଜ ଗଠନରେ ଅସାଧାରଣ ଭୂମିକା ବିଷୟରେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ ସ୍ୱଚ୍ଛତା କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀମାନଙ୍କର ଅକ୍ଷୟ ପରିଶ୍ରମ ଦ୍ୱାରା ଗ୍ରାମ ଓ ସହରର ସ୍ୱାସ୍ଥ୍ୟ ବ୍ୟବସ୍ଥା ଶକ୍ତିଶାଳୀ ହେଉଛି। ହୋପ୍ସ ଟ୍ରଷ୍ଟର ଅଧ୍ୟକ୍ଷ ଶ୍ରୀ ତାପସ ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବ୍ୟବସ୍ଥାପକ ଜୟଶ୍ରୀ ଜେନା ଟ୍ରଷ୍ଟର କାର୍ଯ୍ୟକଳାପ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟିମାନେ ରାଜେଶ ନାୟକ, ସୁବ୍ରତ ଜେନା ଓ ଦୀପଙ୍କର ପରିଡ଼ା ସକ୍ରିୟ ଭାବେ ଉପସ୍ଥିତ ଥିଲେ। ସମ୍ମାନ ସମାରୋହରେ ଅନେକ ସ୍ୱଚ୍ଛତା କର୍ମୀ, ଆଶା କର୍ମୀ ଓ ଅଙ୍ଗନବାଡି କର୍ମୀଙ୍କୁ ସମ୍ମାନ ପତ୍ର ଓ ସ୍ମୃତିଚିହ୍ନ ପ୍ରଦାନ କରାଯାଇଥିଲା।

# ଆଇନ୍ ମହାବିଦ୍ୟାଳୟର ସଚେତନତା କାର୍ଯ୍ୟକ୍ରମ



ବାରିପଦା, ୮ ।୩(ସମିସ): ମୟୂରଭଞ୍ଜ ଆଇନ୍ ମହାବିଦ୍ୟାଳୟର ଆଇନ ସେବା କେନ୍ଦ୍ର ତରଫରୁ ଆଇନ୍ ସଚେତନତା କାର୍ଯ୍ୟକ୍ରମ ବାରିପଦା ବ୍ଲକ ଅଧୀନ ଲକ୍ଷ୍ମୀପୋଷି ଗ୍ରାମରେ ୩ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଇନ୍ ମହାବିଦ୍ୟାଳୟର ଅଧ୍ୟୟନରତ ସମସ୍ତ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ପ୍ରଥମ ଦିନରେ ଛାତ୍ରଛାତ୍ରୀମାନେ ଗ୍ରାମରେ ଆଇନ୍ ସଚେତନତା ରାଲି ପ୍ରଦର୍ଶନ କରିଥିଲେ। ଦ୍ୱିତୀୟ ଦିନ ଛାତ୍ରଛାତ୍ରୀମାନେ ଉକ୍ତ ଗ୍ରାମର ଘରକୁ ଘର ଯାଇ ଆଇନ୍ ସମ୍ବନ୍ଧରେ ଧାରଣା ଦେବା ସଙ୍ଗେ ସଙ୍ଗେ ଅନ୍ତିମ ଦିନରେ ଗ୍ରାମର ଏକ ପ୍ରାଙ୍ଗଣରେ ଅନୁଷ୍ଠିତ ହେବାକୁ ଥିବା ଆଇନ୍ ସଚେତନତା ସଭା ଅନୁଷ୍ଠିତ ହୋଇଥିଲା। ସଭାର ପରିଚାଳକ ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ତଥା ଆଇନ ସେବା କେନ୍ଦ୍ରର ଅଧିକାରୀ ଭକ୍ତ ଚରଣ ସୋରେନ୍ ଉପସ୍ଥିତ ଗ୍ରାମବାସୀଙ୍କର ଆଇନଗତ ମୌଳିକ ସମସ୍ୟାଗୁଡ଼ିକ ଉପସ୍ଥାପନ ପାଇଁ କହିଥିଲେ। ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ରଞ୍ଜନ କୁମାର ତରେଇ ସଭା ଉଦ୍‌ଘାଟନ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଆଇନ ପ୍ରାଧିକରଣ ତରଫରୁ ଏଲଏଡିସି ଚନ୍ଦନ୍ କୁମାର ବୋନ୍ ଯୋଗ ଦେଇ ବିଭିନ୍ନ ନିଶୁଳ୍କ ଆଇନ୍ ସେବା ବିଷୟରେ ସାମ୍ୟକ୍ ସୂଚନା ଦେଇଥିଲେ। ଆସିଷ୍ଟାଣ୍ଟ ପ୍ରଫେସର ସୁନୀଲ୍ କୁମାର ଜେନା ମହିଳା, ଶିଶୁ, ଶ୍ରମିକ, ଦେୱାନୀ ଓ ଫୌଜଦାରୀ ଆଇନ୍ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋକପାତ କରିଥିଲେ। ସିନିୟର ଆସିଷ୍ଟାଣ୍ଟ ପ୍ରଫେସର ଡଃ ବନମାଳୀ ବାରିକ୍, ଆସିଷ୍ଟାଣ୍ଟ ପ୍ରଫେସର ଧୀରେନ୍ଦ୍ର ବେହେରା, ଜୟଶ୍ରୀ ମିଶ୍ର, ମିସ୍ ଶ୍ରଦ୍ଧା ସୋରେନ ଏବଂ ଏସ୍ ନାୟକ ପ୍ରମୁଖ ଅଂଶଗ୍ରହଣ କରି ଛାତ୍ରଛାତ୍ରୀଙ୍କ ସମେତ ସମସ୍ତ ଗ୍ରାମବାସୀଙ୍କ ଆଇନ୍ ସେବା ସଚେତନତାର ବିଭିନ୍ନ ଦିଗ ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ।

## ପୁଣି ଏଆଇ କ୍ୟାମେରା ଧରିଲା ଶିକାରୀ

# ୪ ଗିରଫ; ମାରଣାସ୍ତ୍ର ଜବତ

ବାରିପଦା, ୮ ।୩(ସମିସ)

ପୁଣି ଏଆଇ କ୍ୟାମେରା ସହାୟତାରେ ଶିମିଳିପାଳ ଜାତୀୟ ଅଭୟାରଣ୍ୟ ମଧ୍ୟରୁ ୪ଜଣ ଶିକାରୀ ଧରା ପଡ଼ିଛନ୍ତି। ଶିମିଳିପାଳ ଦକ୍ଷୀଣ ଡିଭିଜନ ଅଧୀନ ଡୁକୁରା ରେଞ୍ଜର କୋର ଏରିଆରେ ବନ୍ୟଜନ୍ତୁ ଶିକାର ଉଦ୍ଦେଶ୍ୟରେ ଅନୁପ୍ରବେଶ କରିଥିବା ବେଳେ ଧରା ପଡ଼ିଛନ୍ତି। ଶିକାର ରୋକିବା ପାଇଁ ଖଞ୍ଜା ଯାଇଥିବା ଏଆଇ କ୍ୟାମେରା ପ୍ରବେଶ ସମୟରେ ଫଟୋ ଆଲର୍ଟ ସୂଚନା ଆସିଥିଲା। ଏହି ଫଟୋରେ ୩ଜଣ ଶିକାରୀ ବନ୍ଧୁକ ସହିତ କୋର ଏରିଆ ଭିତରେ ପ୍ରବେଶ କରୁଥିବା ଦେଖାଯାଇଥିଲା। ଏହି ଆଲର୍ଟ ପାଇବା ପରେ ଡୁକୁରା ବନ୍ୟଜନ୍ତୁ ରେଞ୍ଜ ଅଧିକାରୀ ତୁରନ୍ତ ତାଙ୍କ ଫିଲ୍ଡ ଷ୍ଟାଫ୍‌ଙ୍କୁ ନେଇ ଉକ୍ତ ସ୍ଥାନକୁ ଯାଇଥିଲେ। ସେଠାରେ ବନ ବିଭାଗ ଦ୍ୱାରା ୪ଜଣ ଶିକାରୀଙ୍କୁ ଗିରଫ କରିବାରେ ସଫଳ ହୋଇଛନ୍ତି। ଗିରଫ ମାନେ ହେଲେ ବଡ଼ସାହି ଥାନା ଅନ୍ତର୍ଗତ ଚନ୍ଦନଚତୁରି ଗ୍ରାମର ସୁନିଲ ଭକ୍ତା (୨୫), ସହଦେବ ମଲ୍ଲିକ (୨୦), ରାମଚନ୍ଦ୍ର ହାଁସଦାଃ (୨୫) ଓ ଧୀରେନ୍ଦ୍ର ମଲ୍ଲିକ (୨୪)। ସହଦେବ ଓ ସୁନିଲ ଶିକାର ନିମନ୍ତେ ବ୍ୟବହୃତ ଦୁଇଟି ଦେଶୀ ବନ୍ଧୁକ ଚନ୍ଦନଚତୁରି-୨ ବିଟ୍‌ର ବନ କର୍ମଚାରୀ ଦ୍ୱାରା ଜବତ କରିଛନ୍ତି। ଏନେଇ ବନ୍ୟଜନ୍ତୁ ସଂରକ୍ଷଣ ଆଇନ୍ ଅନୁଯାୟୀ ମାମଲା ରୁଜୁ କରି ଅଭିଯୁକ୍ତ ମାନଙ୍କୁ ବାରିପଦା ସ୍ଥିତ ସିଜେଏମ୍ କୋର୍ଟରେ ହାଜର କରାଯାଇଛି। ବନ ବିଭାଗ ପକ୍ଷରୁ ଜୁଡିସିଆଲ କଷ୍ଟଡିରେ ରଖି ଅଧିକ ତଦନ୍ତ ଜାରି ରହିଛି ବୋଲି ଏସ୍‌ଟିଆର ଉପନିର୍ଦ୍ଦେଶକ ଡ. ସମ୍ରାଟ ଗୋବଡା ସୂଚନା ଦେଇଛନ୍ତି। ଏଆଇ ପ୍ରଯୁକ୍ତି ବିଦ୍ୟା ଦ୍ୱାରା ଶିମିଳିପାଳ ଅଭୟାରଣ୍ୟରେ ବନ୍ୟଜନ୍ତୁ ସୁରକ୍ଷାରେ ସଫଳତାର କାର୍ଯ୍ୟ କରିବା ବାରମ୍ବାର ପ୍ରମାଣିତ କରୁଛି। ଯାହାକି ବନ୍ୟଜନ୍ତୁ ସଂରକ୍ଷଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି।



## ଭାରସାମ୍ୟ ହରାଇ ଦୋକାନକୁ ପଶିଗଲା କାର୍



**ମୋରଡ଼ା,୮ ।୩(ସମିସ):** ମୋରଡ଼ା ଥାନା ତଥା ଚିତ୍ରଡ଼ା ଫାଣ୍ଡି ଅଧୀନ ଚିତ୍ରଡା ବଜାରରେ ଶନିବାର ରାତି ପ୍ରାୟ ୩ଟା ସମୟରେ ଏକ କାର୍ ଭାରସାମ୍ୟ ହରାଇ ଦୁର୍ଘଟଣାଗ୍ରସ୍ତ ହୋଇଥିବାର ଦେଖିବାକୁ ମିଳିଛି । ଏକ ଧଳା ରଙ୍ଗର ମାରୁତି ସୁଜୁକି କାର୍‌ରେ ଦୁଇ ଜଣ ଯୁବକ ବାଲେଶ୍ୱର ଜିଲ୍ଲା ବାଲିଆପାଳ ଅଞ୍ଚଳରୁ ବାରିପଦାକୁ ଏକ ବାହାଘରର ସୁଟିଂ ପାଇଁ ଯାଉଥିଲେ, ତେବେ ବଜାର ନିକଟରେ ଥିବା ବାଙ୍କ ନିକଟରେ ଭାରସ୍ୟାମ ହରାଇ ସମୀର କୁମାର ବେହେରାଙ୍କ ଦୋକାନ ଘର ଭିତରେ ପଶିଯିବା ଫଳରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା । ତେବେ ଯୁବକ ଦ୍ୱୟ ଗୁରୁତର ଆହତ ହୋଇନଥିବା ବେଳେ ବର୍ତ୍ତମାନ ସୁଦ୍ଧା କୌଣସି ମାମଲା ରୁଜୁ ହୋଇନାହିଁ ବୋଲି ସୂଚନା ଦେଇଛନ୍ତି ଫାଣ୍ଡି ଅଧିକାରୀ ଭୀମସେନ ମଲ୍ଲିକ ।

## ନୀଳକଣ୍ଠେଶ୍ୱର ମହାଦେବଙ୍କ ବାର୍ଷିକ ମହୋତ୍ସବ

**ଖିଚିଂ, ୮ ।୩(ସମିସ):** ମୟୂରଭଞ୍ଜ ଜିଲ୍ଲାର ପ୍ରମୁଖ ଆଧ୍ୟାତ୍ମିକ ପୀଠ ଖିଚିଂ ସନ୍ନିକଟ ଶିଆଳିଗୋଠାଣି ଗ୍ରାମସ୍ଥ ଶ୍ରୀନୀଳକଣ୍ଠେଶ୍ୱର ମହାଦେବଙ୍କ ମନ୍ଦିରର ପ୍ରଥମ ବାର୍ଷିକ ମହୋତ୍ସବ ଉପଲକ୍ଷେ ତ୍ରିଦିବସୀୟ ଆଧ୍ୟାତ୍ମିକ ଓ ସାଂସ୍କୃତିକ କାର୍ଯକ୍ରମର ଶୁଭାରମ୍ଭ ହୋଇଛି । ହୋମଯଜ୍ଞାଦି ପରିଚାଳନାର ମୁଖ୍ୟ ପୁରୋଧା ଭାବେ ପୂଜକ ପ୍ରଭାକର ଦାସ ଓ ବିଷ୍ଣୁ ମୋହନ ତ୍ରିପାଠୀ ନିୟୋଜିତ ହୋଇଛନ୍ତି । ଆଜି ସକାଳୁ ମନ୍ଦିର ପରିସରରେ ବିଭିନ୍ନ ସ୍ଥାନରୁ ଆସିଥିବା ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାବେଶ ଦେଖିବାକୁ ମିଳିଛି ।



# ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ବିରୋଧରେ ଅଭିଯୋଗ

### ହଷ୍ଟେଲ ପିଛା ଚାନ୍ଦା ଆଦାୟକୁ ନେଇ ଅସନ୍ତୋଷ

**ରାଇରଙ୍ଗପୁର,୮ ।୩(ସମିସ):**

ବାମନଘାଟି ଉପଖଣ୍ଡର ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଦୁର୍ନୀତିରେ ଲିପ୍ତ ରହିଥିବା ଅଭିଯୋଗ ସମ୍ମୁଖକୁ ଆସିଛି । ବିଭିନ୍ନ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନେ ଉକ୍ତ ଅଧିକାରୀମାନଙ୍କୁ ମୋଟା ଅଙ୍କର ଅର୍ଥ କମିଶନ୍ ଆକାରରେ ଦେଉଥିବାରୁ ହଷ୍ଟେଲ ପରିଚାଳନାରେ ଆର୍ଥିକ ସମସ୍ୟା ପରିଲକ୍ଷିତ ହୋଇଛି । ଯାହାକୁ ନେଇ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି । ଆଦିବାସୀ ବହୁଳ ମୟୁରଭଞ୍ଜ ଜିଲ୍ଲାର ଆଦିବାସୀ ଛାତ୍ରଛାତ୍ରୀ ମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାର ଲକ୍ଷଲକ୍ଷ ଟଙ୍କାର ଅନୁଦାନ ରାଶି ପ୍ରଦାନ କରୁଥିବା ବେଳେ ତାହା ବାଟମାରଣା ହେଉଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି । ବିଜାତଳା ବ୍ଲକ୍ ମଙ୍ଗଳ ସମ୍ପ୍ରସାରଣ ଅଧିକାରିଣୀ ପ୍ରତି ମାସ ହଷ୍ଟେଲ୍ ପିଛା ଟଙ୍କା ମାଗୁଥିବା ନେଇ ସଙ୍ଗୀନ ଅଭିଯୋଗ ହୋଇଛି । ସେହିପରି ଅନ୍ୟ ବ୍ଲକର ଅଧିକାରୀ ମାନେ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକମାନଙ୍କଠାରୁ ମୋଟା ଅଙ୍କର ଅର୍ଥ କମିଶନ୍ ଆକାରରେ ନେଉଥିବାରୁ ହଷ୍ଟେଲ ପରିଚାଳନାରେ ଆର୍ଥିକ ସମସ୍ୟା ଦେଖାଯାଉଥିବା ନଜିର ଆସିଛି । ପ୍ରତି ମାସରେ ହଷ୍ଟେଲ୍ ପ୍ରତି ୧୦୦ ଶଯ୍ୟା ପାଇଁ ୫,୦୦୦ ଏବଂ ୨୦୦ ଶହ ଶଯ୍ୟା ପାଇଁ ୧୦,୦୦୦ ଟଙ୍କା ଦେବାକୁ ବାଧ୍ୟ କରୁଛନ୍ତି । ଏପରିକି ହଷ୍ଟେଲର ଆଦିବାସୀ ଛାତ୍ରଛାତ୍ରୀମାନଙ୍କ ପାଇଁ ଆସିଥିବା ପୋଷାକ ଅନୁଦାନରୁ ୧୦ ପ୍ରତିଶତ କମିଶନ ନେଉଛନ୍ତି । ସେଥିପାଇଁ କୁଆଡେ ଏଡିଡବ୍ଲୁଓ ମାନେ ନିର୍ଦ୍ଦିଷ୍ଟ ଗୋଟିଏ ଓ ଦୁଇଟି ଯୋଗାଣକାରୀ ସଂସ୍ଥା ଠାରୁ ପୋଷାକ ନେବା ପାଇଁ ବାଧ୍ୟ କରୁଛନ୍ତି, ଯାହାକି ପୂର୍ବରୁ ଅନ୍ୟ ଯୋଗାଣକାରୀ ସଂସ୍ଥା ମଧ୍ୟ ଏହି ଉପରେ ଅଭିଯୋଗ କରିଛନ୍ତି । ମରାମତି ଓ ରକ୍ଷଣାବେକ୍ଷଣ କାର୍ଯ୍ୟ ମଧ୍ୟ ତାଙ୍କ କମିଶନ ଥିବା ଡିଲର/ଦୋକାନୀଙ୍କୁ ପ୍ରଦାନ କରାଯାଉଛି । ଏହାପରେ ପୁଣି ବର୍ଷକରେ ଦୁଇଥର ମକର ଓ ଦୁର୍ଗା ପୂଜା ସମୟରେ ହଷ୍ଟେଲ ପିଛା ଉପରିସ୍ଥ ବିଭାଗୀୟ ଅଧିକାରୀଙ୍କ ନାଁରେ ଅଲଗା ଚାନ୍ଦା ଆଦାୟ ହେଉଛି । ଯାହାଦ୍ୱାରା ହଷ୍ଟେଲ ଦାୟିତ୍ୱରେ ଶିକ୍ଷକମାନେ ମାନସିକ ଏବଂ ଆର୍ଥିକ ନିର୍ଯାତନାର ଶିକାର ହେଉଛନ୍ତି । ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀଙ୍କ ତତ୍ତ୍ୱାବଧାନରେ ହଷ୍ଟେଲ ଚଳାଇବା କଷ୍ଟକର ହୋଇଥିବାରୁ ତାଙ୍କୁ ଅନ୍ୟତ୍ର ବଦଳି ଦାବି ହୋଇଛି । ସେହିପରି ରାଇରଙ୍ଗପୁର ଅନ୍ୱେଷା ହଷ୍ଟେଲରେ ସୁପରିଟେଣ୍ଟ ଦାୟିତ୍ୱରେ ଜଣେ ପ୍ରଧାନଶିକ୍ଷକ ପ୍ରଧାନ ଶିକ୍ଷୟିତ୍ରୀ ରହିବା ନିୟମ ରହିଛି । ସେଠାରେ କିପରି ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ (ଏଡିଡବ୍ଲୁଓ)ଙ୍କ ପରି ଜଣେ ଜିଲ୍ଲାସ୍ତରୀୟ ଅଧିକାରୀ କିପରି ପ୍ରାୟ ୩ ମାସରୁ ଡାସର ହେବ ଦାୟିତ୍ୱରେ ରହିଛନ୍ତି ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ବ୍ଲକର ଡବ୍ଲୁଇଓମାନେ କେବଳ ମାଧ୍ୟମ ସାଜିଥିବା ଥିବା ବେଳେ ଦୁଇ ଏଡିଡବ୍ଲୁଇଓ ମାନେ ପ୍ରକୃତ କର୍ଣ୍ଣଧାର ସାଜିଥିବା ନେଇ ଚର୍ଚ୍ଚା ଜୋର ଧରିଛି । ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା (ଆଇଟିଡିଏ)ର ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜ୍ଞାନେନ୍ଦ୍ର ସାମଲ ଓ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କମଳାକାନ୍ତ ସ୍ୱାଇଁ ସମ୍ପୃକ୍ତି ନେଇ ଜିଲାପାଳଙ୍କ ନିକଟରେ ହୋଇଥିବା ଅଭିଯୋଗ ହୋଇଛି । ଯାହାକୁ ନେଇ ଜିଲ୍ଲାପାଳ ତଦନ୍ତ କରି ରିପୋର୍ଟ ଦେବାକୁ ନିମନ୍ତେ ଅତିରିକ୍ତ ଜିଲ୍ଲାପାଳଙ୍କୁ ନିର୍ଦ୍ଦେଶ ଦେଇଥିବାର ସୂଚନା ମିଳିଛି । ତେବେ ଉଭୟ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଉକ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି । ଏହି କାର୍ଯ୍ୟରେ ତାଙ୍କର କୋଣସି ସମ୍ପୃକ୍ତି ନାହିଁ । ତାଙ୍କ ବିରୋଧରେ ହୋଇଥିବା ଅଭିଯୋଗ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି କହିଛନ୍ତି । ଏନେଇ ଜିଲ୍ଲା ମଙ୍ଗଳ ଅଧିକାରୀ ଗୁରୁଚରଣ ମଲ୍ଲିକଙ୍କୁ ପଚାରିବାରୁ ଅଭିଯୋଗ ନେଇ ତଦନ୍ତ ଜାରି ରହିଛି । ସମ୍ପୃକ୍ତ ବିଜତଳା ବ୍ଲକ ଡବ୍ଲୁଇଓଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ତୁରନ୍ତ ତାଙ୍କର ବଦଳି କରାଯିବ ବୋଲି କହିଛନ୍ତି । ତେବେ ଅନ୍ୟ ବ୍ଲକ ଅଧିକାରୀ ମାନଙ୍କ ବିରୋଧରେ ମଧ୍ୟ ଅଭିଯୋଗ ରହୁଛି । ସେନେଇ ମଧ୍ୟ ତଦନ୍ତ ହେବ । ତେବେ ତଦନ୍ତ ରିପୋର୍ଟ ଆସିଲେ ଅଭିଯୋଗ ସତ୍ୟାସତ୍ୟ ସର୍ବ ସମ୍ମୁଖକୁ ଆସିବ । ତେଣୁକରି ନିରପେକ୍ଷ ଭାବେ ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ଦାବି ହୋଇଛି ।

## ନୂଆସାହି ଡିଗ୍ରୀ କଲେଜରେ ଜାତୀୟ ବିଜ୍ଞାନ ଦିବସ




**କପ୍ତିପଦା,୮ ।୩(ସମିସ):** କପ୍ତିପଦା ଡିଗ୍ରୀ ମହାବିଦ୍ୟାଳୟ ନୂଆସାହି ଆଇକ୍ୟୁଏସି ଆନୁକୂଲ୍ୟରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ବିକଶିତ ଭାରତର ଅଗ୍ରଗତିରେ ମହିଳାଙ୍କର ଭୂମିକା ଶୀର୍ଷକ ଆଲୋଚନା ଚକ୍ର ଅଧକ୍ଷ୍ୟା ଡ଼. ଲିପିକା ନେହେରାଙ୍କ ପୌରାହିତ୍ୟରେ ପାଳିତ ହୋଇଯାଇଛି । ଏହି ସଭାରରେ ଆଇକ୍ୟୁଏସି ସଂଯୋଜକ ତଥା ପ୍ରାଣୀବିଜ୍ଞାନର ମୁଖ୍ୟ ଅଧ୍ୟାପକ ଡ଼. ନିବାରଣ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ । ଏନଏଏସି ସଂଯୋଜକ ତଥା ଶିକ୍ଷ୍ୟା ବିଭାଗର ମୁଖ୍ୟ ଅଧ୍ୟାପକ ଡ. ସାନ୍ତସୁନ୍ଦର ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କାରୀଥିଲେ । ଡ. ପ୍ରସୁନ ଗୋସ୍ୱାମୀ ତାଙ୍କର ବକ୍ତବ୍ୟରେ ମାଇକ୍ରୋ ପ୍ଲାଷ୍ଟିକ ଓ ଏହାର ଭାୟାନକ ପରିସ୍ଥିତି ସମାଜ ଉପରେ ପଡୁଛି ତାହା ସେ ଭାର୍ଚୁଆଲ ମାଧ୍ୟମରେ ଦର୍ଶାଇଥିଲେ । ପରେ ପରେ ଡ଼. ଭିଗ୍ନେସ୍ୱରନ ସମାଜ ପ୍ରତି ଏ ଆଇ ର ଭୂମିକା ସମ୍ପର୍କରେ ଆଲୋକପାତ କରିଥିଲେ । ଏହାପରେ ଡ. ନିର୍ମଳେନ୍ଦୁ ଶେଖର ମିଶ୍ର ତାଙ୍କ ବକ୍ତବ୍ୟରେ ଜାତୀୟ ସମ୍ବଳକୁ କିପରି ସଂରକ୍ଷିତ କରାଯାଇପାରିବ ଏହା କିପରି ବିକଶିତ ଭାରତରେ ସାମିଲ କରାଯାଇପାରିବ ତାହା ଉପରେ ଆଲୋକପାତ କରିଥିଲେ । ଏହାପରେ କଲେଜ ପରିସରରେ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହେଇଥିଲା । ଏଥିରେ ଦେବସ୍ମିତା ପରିଡା ପ୍ରଥମ, ଶୁଭ୍ର ସରିତା ସିଂ ଦ୍ୱିତୀୟ ସ୍ଥାନ ଅଧିକାର କରି ପୁରସ୍କୃତ ହେଇଥିଲେ । ଅଧ୍ୟାପିକା ସୁଜାତା ପ୍ରଧାନ, ଇପ୍ସିତା ପଣ୍ଡା ଓ ରଞ୍ଜିତା ବିଶ୍ୱାଳ ସଭା କାର୍ଯ୍ୟ ପରିଚାଳନା କରିଥିଲେ ।

## ଆଜି ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ରାଇରଙ୍ଗପୁର ଗସ୍ତ

**ରାଇରଙ୍ଗପୁର,୮ ।୩(ସମିସ):** ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଇଂ ଅବନୀକାନ୍ତ ସାହୁ ସୋମବାର ରାଇରଙ୍ଗପୁର ଗସ୍ତରେ ଆସୁଛନ୍ତି । ଏହି ଗସ୍ତ ଅବସରରେ ବାମନଘାଟି ଉପଖଣ୍ଡରେ ବିଭିନ୍ନ ସ୍ଥାନ ପରିଦର୍ଶନ କରି ଅନୁଧ୍ୟାନ କରିବାର କାର୍ଯ୍ୟକ୍ରମ ରହିଛି । ସୋମବାର ଭୁବନେଶ୍ୱରରୁ ବାହାରି ରାଇରଙ୍ଗପୁରରେ ପହଞ୍ଚିବା ସହ ରହଣି କାର୍ଯ୍ୟକ୍ରମ ରହିଛି । ମଙ୍ଗଳବାର ରାଇରଙ୍ଗପୁର ବ୍ଲକ, ବୁଧବାର ବହଳଦା ବ୍ଲକ ଓ ଗୁରୁବାର ଜାମଦା ବ୍ଲକକୁ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି । ଉକ୍ତ ବ୍ଲକ ଅନ୍ତର୍ଗତ ବିଭିନ୍ନ ଆଶ୍ରମ ସ୍କୁଲ, ସେବା ଆଶ୍ରମ ସ୍କୁଲ, ଏସ୍‌ଏସ୍‌ଡି ସ୍କୁଲ ସମେତ ଅନ୍ୟାନ୍ୟ ସ୍ଥାନ ପରିଦର୍ଶନ କରିବେ । ଉକ୍ତ ସ୍ଥାନରେ ଯୋଗାଇ ଦିଆଯାଉଥିବା ମଧ୍ୟାହ୍ନ ଭୋଜନ ଓ ଅନ୍ୟାନ୍ୟ ପୁଷ୍ଟିକର ଖାଦ୍ୟର ମାନ ଯାଞ୍ଚ କରିବା ସହ ସ୍ଥାନୀୟ ବ୍ଲକସ୍ତରୀୟ ଅଧିକାରୀଙ୍କୁ ନେଇ ସମୀକ୍ଷା ବୈଠକ କରିବେ । ରାଜ୍ୟ ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଶ୍ରୀ ସାହୁ ଯୋଗାଣ ହେଉଥିବା ବିଭିନ୍ନ ଖାଦ୍ୟର ମାନ ମଧ୍ୟ ଯାଞ୍ଚ କରିବାର କାର୍ଯ୍ୟକ୍ରମ ରହିଛି । ଶୁକ୍ରବାର ଭୁବନେଶ୍ୱର ପ୍ରତ୍ୟାବର୍ତ୍ତନ କରିବାର କାର୍ଯ୍ୟକ୍ରମ ରହିଛି । ଗସ୍ତ ସମୟରେ ରାଜ୍ୟ ଖାଦ୍ୟ ଆୟୋଗ ସଦସ୍ୟ ଅକ୍ଷୟ କୁମାର ବେହେରା ଓ ପ୍ରିୟବ୍ରତ ସାମନ୍ତରାୟ ମଧ୍ୟ ଉପସ୍ଥିତ ରହିବେ ।

## ଅନ୍ତର୍ଜାତୀୟ ମହିଳା ଦିବସରେ ବାଲ୍ୟ ବିବାହକୁ ନାଁ ସଦ୍‌ଭାବନା ଯାତ୍ରା

**କପ୍ତିପଦା,୮ ।୩(ସମିସ):** ଦେବଳା ପଞ୍ଚାୟତ ଅଧୀନ ସଡ଼କ ସାହି ଗ୍ରାମରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବାଲ୍ୟ ବିବାହକୁ ନାଁ ସଦ୍‌ଭାବନା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଶିକ୍ଷକ ସନ୍ତୋଷ କୁମାର ସାହୁଙ୍କ ଆହ୍ୱାନରେ ଅନୁପ୍ରାଣୀତ ହୋଇ କାର୍ଯ୍ୟକ୍ରମରେ ସାମିଲ ହୋଇଛନ୍ତି ବଡଝାଡ, ସଡ଼କ ସାହି, ଡାଙ୍ଗର୍ଚୁଆ, ତଥା ଅନ୍ୟ ଅଙ୍ଗନୱାଡି କର୍ମୀ, କିଶୋରୀ ବାଳିକା ତଥା ବହୁ ମହିଳା ପୁରୁଷ । ଏହି ଅବସରରେ ଦେବଳା ପଞ୍ଚାୟତକୁ ସମ୍ପୂର୍ଣ୍ଣ ବାଲ୍ୟବିବାହ ମୁକ୍ତ କରିବା ପାଇଁ ସଚେତନତା ସୃଷ୍ଟି କରିବା ତଥା ମହିଳାମାନଙ୍କର ସମାଜରେ ସଫଳତା ଅବଦାନକୁ ସମ୍ମାନ ଦେବା, ସେମାନଙ୍କୁ ସ୍ୱୀକୃତି ଦେବା ଏବଂ ଲିଙ୍ଗଗତ ସମାନତା, ଲିଙ୍ଗଭିତ୍ତିକ ଭେଦଭାବ, ବିଭିନ୍ନ ହିଂସା ଏବଂ ଶିକ୍ଷା ଗ୍ରହଣ ସହିତ ସମାଜରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଆହ୍ୱାନ ଏବଂ ପ୍ରତିବନ୍ଧକ ଗୁଡ଼ିକ ବିଷୟରେ ଶିକ୍ଷକ ସନ୍ତୋଷ କୁମାର ସାହୁ ଆଲୋଚନା କରିଥିଲେ ।

## ପାଇଖାନା ପାଣିକୁ ନେଇ କଳି; ପୃଥକ୍ ମାମଲା ରୁଜୁ

**କୁଆମରା,୮ ।୩(ସମିସ):** ଖୁଣ୍ଟା ଥାନା ତଥା ଗୋପବନ୍ଧୁ ନଗର ବ୍ଲକ୍ କୁଆମରା ପଞ୍ଚାୟତ ଚିଲିମା ଗ୍ରାମର ପାଇଖାନା ପାଣି ନିଷ୍କାସନକୁ ନେଇ ଦୁଇ ପରିବାର ମଧ୍ୟରେ ଗଣ୍ଡଗୋଳ ଉପୁଜିଛି । ବହୁ ଦିନରୁ ଏହି ଗଣ୍ଡଗୋଳ ଏହି ପରିବାର ମଧ୍ୟରେ ଲାଗି ରହିଥିବା ବେଳେ ସମାଧାନର ରାସ୍ତା ବାହାରି ପାରି ନ ଥିଲା । ଏହାକୁ ନେଇ ତିକ୍ତତା ବଢି ଚାଲିଲା । ଶେଷରେ ଘଟଣାକୁ ନେଇ ବିଶଲ୍ୟ ମହାପାତ୍ରଙ୍କ ସ୍ତ୍ରୀ ପ୍ରିୟଙ୍କା ପଡୋଶୀ ବାସୁଦେବଙ୍କ ସ୍ତ୍ରୀ ରତ୍ନମଣୀଙ୍କ ବିରୋଧରେ ଅଭିଯୋଗ କରିଥିବାବେଳେ ରତ୍ନମଣୀ ମଧ୍ୟ ପ୍ରିୟଙ୍କା ବିରୋଧରେ ପାଲଟା ଅଭିଯୋଗ କରିଛନ୍ତି । ତେବେ ଉଭୟଙ୍କ ଅଭିଯୋଗ ମୂଳେ ପୃଥକ୍ ମାମଲା ରୁଜୁ ହୋଇଛି । ଘଟଣାକୁ ନେଇ ଫାଣ୍ଡି ଅଧିକାରୀ ରସାନନ୍ଦ ମହାନ୍ତି ତଦନ୍ତ ଚଳାଇଥିବାର କହିଛନ୍ତି ।



## ସଙ୍କୁଳସ୍ତରୀୟ ପରିଚାଳନା ସମିତି ବୈଠକ

**ରାଇରଙ୍ଗପୁର,୮ ।୩(ସମିସ):** ରାଇରଙ୍ଗପୁର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ସଙ୍କୁଳସ୍ତରୀୟ ପରିଚାଳନା ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଉତ୍ତର ସମ୍ଭାଗ ସମ୍ପାଦକ ଗଙ୍ଗାଧର କର ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ପ୍ରାରମ୍ଭ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ସହ ପ୍ରମୁଖ ବାବୁଲାଲ ଦାସ, ସଙ୍କୁଳ ପ୍ରମୁଖ ନନ୍ଦ କିଶୋର ମହାନ୍ତ ଯୋଗ ଦେଇଥିଲେ । ପ୍ରଧାନ ଆଚାର୍ଯ୍ୟ କେଦାର ନାଥ ବାରିକ ଅତିଥି ପରିଚୟ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୟୂରଭଞ୍ଜ ବିଭାଗ ନିରୀକ୍ଷକ ହରିଶ ଚନ୍ଦ୍ର ପଣ୍ଡା ଉପସ୍ଥିତ ଥିଲେ । ଉକ୍ତ ବୈଠକରେ ୧୦ଟି ବିଦ୍ୟାଳୟର ମୋଟ୍ ୨୨ଜଣ ପରିଚାଳନା ସମିତି ସଭାପତି, ସମ୍ପାଦକ, କୋଷାଧ୍ୟକ୍ଷ ଓ ସଦସ୍ୟ ରହିବା ସହିତ ୧୦ ଜଣ ପ୍ରଧାନ ଆଚାର୍ଯ୍ୟ ଉପସ୍ଥିତ ଥିଲେ । ସଶିବିମ ରାଇରଙ୍ଗପୁର ସଭାପତି ଧୀରେନ୍ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ ।

# ମୌନଧ୍ୱନି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ

**ଉଦଳା,୮ ।୩(ସମିସ):**

ମୟୁରଭଞ୍ଜ ଜିଲ୍ଲା ଉଦଳା ବ୍ଲକ୍ ଅଧୀନ ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସରରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି । ମୌନଧ୍ୱନି ଫାଉଣ୍ଡେସନ ତରଫରୁ ଆୟୋଜିତ ଏହି ଉତ୍ସବରେ ହସ୍ତତନ୍ତ ବୟନ କ୍ଷେତ୍ରରେ ଉଲ୍ଲେଖନୀୟ କୃତିତ୍ୱ ହାସଲ କରିଥିବା ତଥା ଦେଶ ବିଦେଶରେ ବେଶ୍ ସୁନାମ ଅର୍ଜନ କରିଥିବା ବୁଣାକାର ମହିଳାମାନଙ୍କୁ ପୁରସ୍କୃତ କରାଯାଇଥିଲା । ଖୁଣ୍ଟା ବ୍ଲକ୍ ଅଧୀନ କାହ୍ନୁପୁର ଗ୍ରାମର ଜ୍ୟୋତ୍ସ୍ନା ପାତ୍ର, ମଞ୍ଜୁଲତା ପାତ୍ର, ଉଦଳା ବ୍ଲକର ବାବନଗଡ ଗ୍ରାମର ରାଇମାତ୍ ସୋରେନ୍, ସୁନାପାଳ ଗ୍ରାମର କାଜଲ୍ ମୁର୍ମୁ, ମାଳତୀ ହାଁସଦା, ଜାନକୀ ବାସ୍କେ ପ୍ରମୁଖ ମହିଳାମାନଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏହି ଅବସରରେ ମହିଳାମାନଙ୍କ ମଧ୍ୟରେ ଜଣା ଅଜଣା କୁଇଜ୍ , ଅନ୍ତାକ୍ଷରୀ ପ୍ରତିଯୋଗିତା ସହ ନୃତ୍ୟ ପରିବେଷଣ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବନିତା ପାଢୀ, ପ୍ରଦ୍ୟୁମ୍ନ




ଦଳାଇ, ଦେବେନ୍ଦ୍ର ରାଉଳ, ସୀତା ମୁର୍ମୁ, ଚମ୍ପାବତୀ ହାଁସଦା, ରୂପାଲି ବାରିକ, ନାନୁ ରାଜଦୀପ ଏବଂ ତନ୍ତଗାଥା ମହିଳା ବୁଣାକାର ଉତ୍ପାଦକ କମ୍ପାନୀର ନିର୍ଦ୍ଦେଶିକା ପୂର୍ଣ୍ଣିମା ପାତ୍ର ପ୍ରମୁଖ ଯୋଗ ଦେଇଥିଲେ । ସୂଚନାଯୋଗ୍ୟ ମୟୂରଭଞ୍ଜ ଜିଲ୍ଲାରେ ୮୦୦ରୁ ଅଧିକ ମହିଳାମାନେ ମୌନଧ୍ୱନି ଫାଉଣ୍ଡେସନରେ ହସ୍ତତନ୍ତ ବୟନ ତାଲିମ୍ ନେଇ ରୋଜଗାରକ୍ଷମ ହୋଇପାରିଛନ୍ତି । ପ୍ରଧାନମନ୍ତ୍ରୀ ମନ୍ କି ବାତ୍ କାର୍ଯ୍ୟକ୍ରମରେ ଏହି ମହିଳାମାନଙ୍କ କଥା ଦେଶବାସୀଙ୍କୁ ଜଣାଇବା ସହ ମୟୂରଭଞ୍ଜ ମହିଳାମାନଙ୍କର ବୟନ ଦକ୍ଷତାକୁ ଉଚ୍ଚ ପ୍ରଶଂସା କରିଥିଲେ । ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ବୁଣାକାର ମା' ମାନଙ୍କର ହାତ ତିଆରି ମୟୂରଭଞ୍ଜ ସାନ୍ତାଳୀ ଶାଢୀ ଗ୍ରହଣ କରିବା ସହ ମା' ଭଉଣୀମାନଙ୍କର ପ୍ରୟାସକୁ ସାଧୁବାଦ ଜଣାଇଥିଲେ ।

# ଚୋରା କାଠ ବୋଝେଇ ଟ୍ରକ୍ ଜବତ, ୨ ଗିରଫ

**ଠାକୁରମୁଣ୍ଡା/ମହୁଲଡ଼ିହା, ୮ ।୩(ସମିସ):** ମୟୁରଭଞ୍ଜ ଜିଲ୍ଲା କରଞ୍ଜିଆ ବନଖଣ୍ଡ ଠାକୁରମୁଣ୍ଡା ରେଞ୍ଜ ଅଞ୍ଚଳର ଡଙ୍ଗାପାଣି ଗ୍ରାମ ନିକଟରୁ ରବିବାର ଭୋର ସମୟରେ ଚୋରାରେ ବୋଝେଇ ହୋଇ ଯାଉଥିବା ଶାଳ କାଠର ଚିରା ଯାଇଥିବା ଚୌକାଠ ବୋଝେଇ ମିନି ଟ୍ରକକୁ ଠାକୁରମୁଣ୍ଡା ବନ ବିଭାଗ ଜବତ କରିଛି । ଜବତ ହୋଇଥିବା ୯୫.୪୪ ସିଫ୍ଟି ଚୌକାଠର ଆନୁମାନିକ ମୂଲ୍ୟ ୧ ଲକ୍ଷ ୫୦ ହଜାର ଟଙ୍କା ହେବ ବୋଲି ବନବିଭାଗ ଆକଳନ କରିଛି । ଚୋରାରେ କାଠ ନେଉଥିବା ଘଟଣା ରେ ଝାରଖଣ୍ଡ ରାଜ୍ୟ ଗିରିଡ଼ିହି ଜିଲ୍ଲା ଫୁଲଝରିଆ ଗ୍ରାମର ସଦାନନ୍ଦ ସିଂ ଓ ଗଗନପୁର ଗ୍ରାମର ସାମସୁଲ ଆନସାରୀଙ୍କୁ ବନବିଭାଗ ଗିରଫ କରିବା ପରେ କୋର୍ଟ ଚାଲାଣ କରିଛି । ଏ ସଂକ୍ରାନ୍ତରେ ଠାକୁରମୁଣ୍ଡା ରେଞ୍ଜରେ ମାମଲା ରୁଜୁ ହୋଇଛି । କୌଣସି ସୂତ୍ରରୁ ଖବର ପାଇ ଠାକୁରମୁଣ୍ଡା ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରାଙ୍କ ନେତୃତ୍ୱରେ ଫରେଷ୍ଟର ନଳୀନିକାନ୍ତ ମହାନ୍ତ, ଚନ୍ଦ୍ରଭାନୁ ମହାନ୍ତ, ପ୍ରଦୀପ କିଶୋର ହାଇବୁରୁ, ବିଦ୍ୟାଧର ମହାନ୍ତ ଓ ଫରେଷ୍ଟ ଗାର୍ଡ କିଶୋର କୁମାର ପାତ୍ର, ବିକାଶ କୁମାର ମହାନ୍ତ ସମେତ ଅନ୍ୟ କର୍ମଚାରୀମାନେ ସୂଚନା ସ୍ଥଳରେ ପହଞ୍ଚି ଥିଲେ । ଚାଲାଣ ହେଉଥିବା ଟ୍ରକକୁ ଅଟକାଇ ୨ ଜଣକୁ ଗିରଫ କରିଥିଲେ ।



## 'ମହିଳାଙ୍କ ଉନ୍ନତି ହିଁ ସାମଗ୍ରିକ ବିକାଶର ମାଧ୍ୟମ'



**ଭୋଗରାଇ,୮।୧୦(ସମିସ):** ମହିଳାଙ୍କ ବିକାଶ ହିଁ ସାମଗ୍ରିକ ବିକାଶର ମାଧ୍ୟମ। ପ୍ରତ୍ୟେକ ସଫଳ ପୁରୁଷଙ୍କ ଉନ୍ନତିର ପ୍ରଚ୍ଛଦପଟରେ ମହିଳାଙ୍କ ପ୍ରେରଣା ରହିଥାଏ। ଆଜିର ମହିଳା ଅବଳା କିମ୍ବା ଦୁର୍ବଳା ନୁହନ୍ତି। ସେମାନେ ପ୍ରଶାସନିକ ଓ ରାଜନୈତିକ କ୍ଷେତ୍ରରେ ବହୁ ଉଚ୍ଚ ପଦବୀରେ ଅଧିଷ୍ଠିତ ଥାଇ ନିଷ୍ଠା ସହକାରେ କାର୍ଯ୍ୟ ସମ୍ପାଦନ କରୁଛନ୍ତି ବୋଲି ଆଜି ଭୋଗରାଇ ବ୍ଲକ ମହିଳା କଂଗ୍ରେସ ପକ୍ଷରୁ ଥାନାଛକ ସ୍ଥିତ କମ୍ୟୁନିଟି ସେଣ୍ଟର ଠାରେ ଆୟୋଜିତ ବିଶ୍ୱ ମହିଳା ଦିବସ ସମାବେଶରେ ମତ ପ୍ରକାଶ ପାଇଛି। ମହିଳା କଂଗ୍ରେସର ବ୍ଲକ ସଭାନେତ୍ରୀ ମୀନାରାଣୀ ସୁର ସଭାରେ ଅଧ୍ୟକ୍ଷତା କରିଥିଲେ। ଜିଲ୍ଲା କଂଗ୍ରେସ ସଭାପତି ସତ୍ୟଶିବ ଦାସ, ମୁଖ୍ୟ ଅତିଥି ଭାବେ ବାଲିଆପାଳ ପଞ୍ଚାୟତ ସମିତିର ଅଧ୍ୟକ୍ଷା ରଞ୍ଜିତା ନାୟକ, ସମ୍ମାନିତ ଅତିଥି ଭାବେ ବସ୍ତା ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ବିଜନ ନାୟକ, ଭୋଗରାଇ କଂଗ୍ରେସର ବ୍ଲକ ସଭାପତି ସନ୍ତୋଷ କୁମାର ଜେନା, କାର୍ଯ୍ୟକାରୀ ସଭାପତି ପ୍ରଦୀପ କୁମାର ନାୟକ, ବରିଷ୍ଠ ନେତା ଗୋପବନ୍ଧୁ ମହାପାତ୍ର ଓ ସୁଦର୍ଶନ ଜେନା, ଶିଶିର ମହାପାତ୍ର, ଜୋନ ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, ରାଧା ବିନୋଦ ଦାସ,ରାଜେନ୍ଦ୍ର ପଣ୍ଡା ଓ ରାଜେନ୍ଦ୍ର ଦଳାଇ, ସରପଞ୍ଚ ମମତା ସାହୁ ପ୍ରମୁଖ ମହିଳାଙ୍କ ସୁରକ୍ଷା କ୍ଷେତ୍ରରେ ଯତ୍ନଶୀଳ ହେବା ସହ ସେମାନଙ୍କୁ ସମସ୍ତ ପ୍ରକାର ସୁବିଧାରୁ ବଞ୍ଚିତ ନ କରିବାରୁ ସରକାରଙ୍କୁ ଆହ୍ୱାନ ଦେଇଥିଲେ। ଏଥିରେ ବ୍ଲକର ସମସ୍ତ ୫୦ଗୋଟି ପଞ୍ଚାୟତର ମହିଳା କଂଗ୍ରେସର ସଭାପତିମାନେ ଯୋଗ ଦେଇଥିଲେ। ସେମାନଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ବରହମପୁର ବଜାରରେ ଜବରଦଖଲ ଉଚ୍ଛେଦ



**ନୀଳଗିରି,୮।୩(ସମିସ):** ନୀଳଗିରି ବ୍ଲକ୍ ବରହମପୁର ବଜାରରେ କିଛି ଅମାନିଆ ସରକାରୀ ଜମିକୁ ମାଡ଼ିବସି ଦୋକାନ କରିଥିବା ସାଧାରଣରେ ଅଭିଯୋଗ ହୋଇ ଆସୁଥିଲା। ତେବେ ଆଜି ମଧ୍ୟାହ୍ନରେ ନୀଳଗିରି ପ୍ରଶାସନ ପକ୍ଷରୁ ଦୋକାନ ଗୃହ ଉଚ୍ଛେଦ କରାଯାଇଛି। ଧରମପୁର ଗ୍ରାମର କୈଳାସ ବେହେରା ସରକାରୀ ଜମି ଉପରେ ନିର୍ମାଣ କରିଥିବା ଘରକୁ ଉଚ୍ଛେଦ କରାଯାଇ ଥିଲା। ପରେ ତାଙ୍କ ମୁଢ଼ି ମିଲ୍ ଉଚ୍ଛେଦ କରିବାକୁ ଯାଉଥିବାବେଳେ ପ୍ରଶାସନ ପାଖରେ ମୁଢ଼ି ମିଲ୍ ମାଲିକ ଅନୁରୋଧ କ୍ରମେ ପ୍ରଶାସନ ପକ୍ଷରୁ ଆସନ୍ତା ସାତଦିନ ମହଲତ ଦିଆଯାଇଥିଲା। ପରେ ମେଡିକାଲ ସାମ୍ନା ଟୁକୁ ଓରଫ ହରେକୃଷ୍ଣ ବେହେରାଙ୍କ ତେଲ ଭାଜି ଦୋକାନକୁ ଭଙ୍ଗାଯାଇଥିଲା। ଅନ୍ୟ ସମସ୍ତ ଜବରଦଖଲକୁ ପର୍ଯ୍ୟାୟକ୍ରମେ ଉଚ୍ଛେଦ କରାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ମିଳିଛି। ଏହି ଜବରଦଖଲ ଉଚ୍ଛେଦରେ ନୀଳଗିରି ତହସିଲଦାର ସୋନମ ଦାସ, ଅତିରିକ୍ତ ତହସିଲଦାର ଶୁଭଶ୍ରୀ ଜେନା, ବରହମପୁର ରାଜସ୍ୱ ନିରୀକ୍ଷକ ରଞ୍ଜନ ଜେନା, ବରହମପୁର ଥାନା ଆଇଆଇସି ପ୍ରେମଦା ନାୟକ ଉପସ୍ଥିତ ଥିବା ବେଳେ ଏକ ପ୍ଲାଟୁନ ପୁଲିସ ଫୋର୍ସ ମୁତୟନ କରାଯାଇଥିଲା। ଏ ନେଇ ଅମାନିଆଙ୍କ ଭିତରେ କୋକୁଆ ଭୟ ଜାତ ହୋଇଛି।

### ବଢ଼ୁଛି ଇଟା ମାଫିଆଙ୍କ ପ୍ରାଦୁର୍ଭାବ

# ବେଆଇନ ଭାବେ ଚାଲିଛି ୩୦ରୁ ଅଧିକ ଇଟାଭାଟି

ବାଲେଶ୍ୱର ସଦର,୮।୩(ସମିସ)



ଜଳୁଛି ହଜାର ହଜାର ଟନ୍ କୋଇଲା

ପ୍ରଦୂଷଣ ବଳୟ ଭିତରେ ବାଲେଶ୍ୱର। ଏହି ଜିଲ୍ଲାର ପ୍ରଦୂଷଣ ପୂରା ଦେଶର ଦୃଷ୍ଟି ଆକର୍ଷଣ କରୁଥିବା ବେଳେ ଏହା ଉପରେ ଅଙ୍କୁଶ ଲଗାଇବା ଦିଗରେ ଜିଲ୍ଲା ପ୍ରଶାସନର ନିଷ୍କ୍ରିୟତାକୁ ନେଇ ଏବେ ସାଧାରଣରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ଏହି ପ୍ରଦୂଷଣ ବଢ଼ାଇବାରେ ଇଟା ଭାଟି ଗୁଡ଼ିକର ଭୂମିକା ସର୍ବେଗ୍ରେ ରହିଥିବା ବେଳେ ପ୍ରଶାସନ ପକ୍ଷରୁ ଏହି ଭାଟି ଗୁଡ଼ିକ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାନଯିବା ସମସ୍ତଙ୍କୁ ଚକିତ କରିଛି। ବିଶେଷ ଭାବେ କେବଳ ବସ୍ତା ବ୍ଲକରେ ଏବେ ୩୦ରୁ ଅଧିକ ଇଟା ଭାଟି ବେଆଇନ ଭାବେ ଚାଲୁଥିବା ବେଳେ ଆଜି ପର୍ଯ୍ୟନ୍ତ କୌଣସି ଗୋଟିଏ ଭାଟି ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ଯାଇନାହିଁ। ଏହିସବୁ ଭାଟି ଗୁଡ଼ିକ ବର୍ଷକୁ ପାଖାପାଖି ୪କୋଟି ଇଟା ପୋଡୁଛନ୍ତି। ସବୁଠାରୁ ବଡ଼କଥା ହେଲା ଏକ ଲକ୍ଷ ଇଟା ପୋଡ଼ିବା ପାଇଁ ୩୦ ଟନ ଓଜନର କୋଇଲା ଜଳାଯାଉଛି ଏବଂ କୋଇଲା ଜଳାଇବା ଦ୍ୱାରା ବାୟୁ ପ୍ରଦୂଷଣ ବୃଦ୍ଧି ପାଉଛି। ଏକ ଟନ କୋଇଲା ଜଳାଇଲେ ପ୍ରାୟ ସେଥିରୁ ଏକ ଟନ ସିଓ୨, ୧୦-୨୦ କିଲୋଗ୍ରାମ ଏସ୍ଓ୨, ୫-୧୦ କିଲୋଗ୍ରାମ ଏନ୍ଏକ୍ସଓ, ୧୦-୨୦ କିଲୋଗ୍ରାମ ପାର୍ଟିକୁଲେଟ ମାଟର " (ପିଏମ୍) ଏବଂ ୦.୫-୧ କିଲୋଗ୍ରାମ କାର୍ବନ୍ ମନୋ ଅକ୍ସାଇଡ (ସିଓ) ଭଳି ବିଷାକ୍ତ ଓ ହାନିକାରକ ତତ୍ତ୍ୱ ନିର୍ଗତ ହୁଏ। ଏହି ପ୍ରଦୂଷକ ଶ୍ୱାସ ସମସ୍ୟା, କ୍ୟାନସର, ହୃଦୟ ରୋଗ, ଏବଂ ଜଳବାୟୁ ପରିବର୍ତ୍ତନକୁ ସମ୍ପୂର୍ଣ ଭାବେ ନିୟନ୍ତ୍ରଣ କରିଥାଏ। ମାତ୍ର ପରିତାପର ବିଷୟ ଯେ ପାଖାପାଖି ୪ କୋଟି ଇଟା ପୋଡ଼ିବା ପାଇଁ ବ୍ୟବହାର ହେଉଥିବା ହଜାର ହଜାର ଟନ କୋଇଲାରୁ ଯଉଁ ବିଷାକ୍ତ ଓ ହାନିକାରକ ତତ୍ତ୍ୱ ସବୁ ବାହାରୁଛି ସେଥିରେ ବସ୍ତାବାସୀ ଅତିଷ୍ଠ ହୋଇ ପଡ଼ିଲେଣି। ଏହି ବେଆଇନ ଇଟାଭାଟି ଗୁଡ଼ିକ ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ପକ୍ଷରୁ କୌଣସ ଅନୁମତିପତ୍ର ନେଇ ନାହାନ୍ତି। ଏଥିସହିତ ଏହି ଭାଟିର ମାଲିକମାନେ ସ୍ଥାନୀୟ ଚାଷଜମିରୁ ବେଆଇନ ମାଟି ଆଣି ଇଟା ତିଆରି କରୁଛନ୍ତି। ଯାହା ଖଣିବିଭାଗ ଏବଂ ତହସିଲ ବିଭାଗ ଜାଣି ନ ଜାଣିଲା ଭଳି ଚୁପ ବସିଛନ୍ତି।ବସ୍ତାରେ କେବଳ ଗୋଟିଏ ପରିବାରର ୪ଟି ଇଟାଭାଟି ରହିଛି। ଦେବୀ, ଟାଟା ଓ ବେଷ୍ଟ ଭଳି ଏହି ଏହି ଭାଟିରେ ପ୍ରତ୍ୟେକ ବର୍ଷ ପାଖାପାଖି କୋଟିଏ ଇଟା ପୋଡ଼ା ଯାଉଛି।ପ୍ରଶାସନ ତରଫରୁ କୌଣସି ଅଙ୍କୁଶ ନଥିବାରୁ ଏହି ଇଟାଭାଟି ପାଇଁ ବେଆଇନ ଭାବେ ଚାଷଜମିରୁ ହଜାର ହଜାର ଟ୍ରିପ ମାଟି ଓ ନିକଟସ୍ଥ ସୁବର୍ଣରେଖା ନଦୀରୁ ବାଲି ଚୋରି କରାଯାଉଛି। ଏହି ଇଟାଭାଟି କୁ ଇଟା ନବାପାଇଁ ପ୍ରତିଦିନ ଶହଶହ ଭାରିଯାନ ଚଳପ୍ରଚଳ କରୁଛନ୍ତି।ଯାହାଫଳରେ କୋଟିକୋଟି ଟଙ୍କାର ରାଜସ୍ୱ ଖର୍ଚ କରାଯାଇ ନିର୍ମାଣ କରାଯାଉଥିବା ରାସ୍ତାସବୁ ଅଳ୍ପ ଦିନରେ ସମ୍ପୂର୍ଣ ନଷ୍ଟ ହୋଇଯାଉଛି। ଏହି ଇଟାଭାଟିକୁ ଅହରହ ଚଳପ୍ରଚଳ କରୁଥିବା ଯାନବାହନ ଶବ୍ଦରେ ଲୋକେ ରାତିରେ ସୋଇପାରୁନାହାନ୍ତି କି ପିଲା ମାନେ ପାଠ ପଢିପାରୁନାହାନ୍ତି। ଦିନରେ ରାସ୍ତାରୁ ଧୂଳି ଓ? ଧୂଆଁଳିଆ ପରିବେଶ ସୃଷ୍ଟି ହେଉଛି ଏବଂ ବାୟୁ ମଣ୍ଡଳକୁ ପ୍ରଦୂଷଣ ମଧ୍ୟ କରୁଛି। ଅନେକ ଭାଟିର ନିକଟରେ ସ୍କୁଲ ସବୁ ରହିଛି। ଫଳରେ ଛୋଟ ପିଲା ମାନେ ବିଭିନ୍ନ ପେଟ ରୋଗ ଓ ଚର୍ମ ରୋଗରେ ଶିକାର ହେବା ସହିତ ଯାତାୟତ ସମୟରେ ସେମାନଙ୍କ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେଉଛି। ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଓ ବିଭିନ୍ନ ସଙ୍ଗଠନ ସବୁ ଏକାଧିକ ଥର ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ପାଇନାହାନ୍ତି। ରାଜସ୍ୱ ବିଭାଗ, ଖଣି ବିଭାଗ ଓ ପ୍ରଦୂଷଣ ବିଭାଗ ସମସ୍ତେ ନୀରବ ରହି ସାଧାରଣ ଲୋକଙ୍କ ଜୀବନ ସହିତ ଖେଳ ଖେଳୁଛନ୍ତି। ବାଲେଶ୍?ର ଉପ ଜିଲ୍ଲାପାଳ କେତେକ ଇଟା ଭାଟିରେ ପହଞ୍ଚି ପାରିପାଶ୍ୱିର୍କ ସ୍ଥିତି ଦେଖିବା ସହିତ ବସ୍ତାରେ ସବୁ ଇଟା ଭାଟି ଗୁଡ଼ିକୁ ବନ୍ଦ କରିବା ପାଇଁ ନିର୍ଦ୍ଦେଶ ମଧ୍ୟ ଦେଇ ଯାଇଥିଲେ। ମାତ୍ର ତାହା ସବୁ ଲୋକ ଦେଖାନିଆ ଥିଲା ବୋଲି ସାଧାରଣରେ ଆଲୋଚନା ହେଉଛି। ଏଣୁ ପ୍ରଶାସନ ତୁରନ୍ତ ଉକ୍ତ ପ୍ରାଣଘାତୀ ଇଟାଭାଟି ଗୁଡ଼ିକ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ବସ୍ତାକୁ ପ୍ରଦୂଷଣମୁକ୍ତ କରିବାକୁ ଲୋକେ ଦାବି କରିଛନ୍ତି।

## ମହିଳା ଦିବସ ପାଳିଲା ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତି



**ଜଳେଶ୍ୱର/ଜଳେଶ୍ୱର ବ୍ଲକ,୮।୩(ସମିସ):** ଅଖିଳ ଭାରତୀୟ ଗଣତାନ୍ତ୍ରିକ ମହିଳା ସମିତିର ଜଳେଶ୍ୱର ବ୍ଲକ୍ କମିଟି ଆନୁକୂଲ୍ୟରେ ଜଳେଶ୍ୱର ସ୍ଥିତ ମହିଳା ସମିତି ସଭା ଗୃହରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ମହିଳାଙ୍କ ସ୍ୱାଧୀନତା ଓ ଅଧିକାର ସମ୍ପର୍କିତ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ବ୍ଲକ୍ ସଭାପତି ଅପର୍ଣ୍ଣା ନନ୍ଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନାଚକ୍ରରେ ଜିଲ୍ଲା ସମ୍ପାଦିକା ମମି ପଣ୍ଡା, ବ୍ଲକ୍ ସମ୍ପାଦିକା ମହୁଆ ବସୁ, କୋଷାଧ୍ୟକ୍ଷ ମିନତୀ ବାରିକ, ଆରତୀ ପଲାଇ, ସବିତା ଭୂୟାଁ, ସୁମିତ୍ରା ଦେ, ଝରଣା ଘଡ଼େଇ, ସୁଲତାନା ବିବି, ସୁମିତ୍ରା ପାତ୍ର, ସୁମତୀ ଜେନା, ତୁଳସୀ ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରି ମହିଳାଙ୍କ ବହୁବିଧ ସମସ୍ୟା ଏବଂ ପ୍ରତି କ୍ଷେତ୍ରରେ କେମିତି ମାନସିକ ତଥା ଶାରୀରିକ ନିର୍ଯାତନାର ଶିକାର ହେଉଛନ୍ତି ସେ ସମ୍ପର୍କରେ ଆଲୋଚନା ରଖିଥିଲେ। ସମ୍ପ୍ରତି ମହିଳାମାନେ ଆଜି ସୁରକ୍ଷିତ ନୁହନ୍ତି। ନାବାଳିକା ଠାରୁ ବୃଦ୍ଧା ସଭିଏଁ ଅସୁରକ୍ଷିତ। ସ୍କୁଲ, କଲେଜ, ଡାକ୍ତରଖାନା, ଜନ୍ମଭୂମି, କର୍ମଭୂମି ସବୁଠି କେମିତି ନାରୀମାନେ ବଳାତ୍କାରର ଶିକାର ହେଉଛନ୍ତି ତାହା ପ୍ରତ୍ୟେକ ଦିନର ଖବରକାଗଜ ଶିରୋନାମା ଓ ଟିଭି ପରଦାରେ ବ୍ରେକିଂ ନିଉଜ ଦେଖିଲେ ସହଜେ ଅନୁମେୟ। ଅପରପକ୍ଷରେ ଦୋଷୀକୁ କଠୋର ଦଣ୍ଡ ଦେବା ପରିବର୍ତ୍ତେ ପରୋକ୍ଷ ସରକାରୀ ପ୍ରୋତ୍ସାହନ ନାରୀ ନିର୍ଯାତନାକୁ ବହୁଗୁଣିତ କରିଛି ବୋଲି ବକ୍ତାମାନେ ଅଭିଯୋଗ କରିଥିଲେ। ଶାସକ ଶ୍ରେଣୀର ମନୁବାଦ ସପକ୍ଷରେ ଖୋଲାଖୋଲି ଯୁକ୍ତି ସେମାନଙ୍କର ପ୍ରତିକ୍ରିୟାଶୀଳ ଓ ରକ୍ଷଣଶୀଳ ଚରିତ୍ରକୁ ସ୍ପଷ୍ଟ କରୁଥିବା ବେଳେ ନାରୀ ସଶକ୍ତୀକରଣକୁ ନେଇ ବେଶ୍ ପ୍ରଚାର ଚାଲିଛି। ଅନ୍ୟମାନଙ୍କ ମଧ୍ୟରେ କ୍ଷେତ ମଜଦୂର ୟୁନିଅନ ନେତା, ଦୀପ୍ତିମାନ ଆଚାର୍ଯ୍ୟ, ଶ୍ରମିକ ନେତା ପଲ୍ଟୁ ଦାସ ଓ କୃଷକ ନେତା ରାଜୀବ ପଣ୍ଡା ଜନସଂଖ୍ୟାର ଅର୍ଦ୍ଧେକ ମହିଳା ହୋଇଥିବା ବେଳେ ସେମାନଙ୍କୁ ଅବଳା, ଦୁର୍ବଳା କହି ଅବହେଳିତ କରି ରଖିବା ଯେ କୌଣସି ଦେଶ ପାଇଁ ଶୁଭ ସଙ୍କେତ ନୁହେଁ। ନାରୀ ଜାଗରଣ ହିଁ ସମସ୍ତ ଅନ୍ୟାୟ, ଅନୀତି, ଦୁର୍ନୀତିର ବିନାଶ ଘଟାଇ ପାରିବ ବୋଲି ସେମାନେ ଦୃଢ଼ ମତ ଉପସ୍ଥାପନ କରିଥିଲେ। ଗଣତାନ୍ତ୍ରିକ ମହିଳା ସମିତିର ଶକ୍ତି ବୃଦ୍ଧି ହିଁ ନାରୀମାନଙ୍କୁ ସଶକ୍ତ କରିବାରେ ସହାୟକ ହେବ ବୋଲି ବକ୍ତାମାନେ କହିଥିଲେ। ଏହି ଆଲୋଚନାଚକ୍ରରେ ଶତାଧିକ ମହିଳା ଉପସ୍ଥିତ ଥିଲେ।

## ଆଦର୍ଶ ଶିକ୍ଷକ ମାଗୁଣି ବେହେରାଙ୍କ ପରଲୋକ

**ଖଇରା,୮।୩(ସମିସ):** ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ୍ ଡୁଙ୍ଗୁରା ଗ୍ରାମପଞ୍ଚାୟତ ଅଧୀନ ରଘୁନାଥପୁର(ଖ) ଗ୍ରାମର ଆଦର୍ଶ ଶିକ୍ଷକ ମାଗୁଣି ଚରଣ ବେହେରା(୮୬) ଶନିବାର ରାତିରେ ନିଜ ବାସଭବନରେ ଆଖିବୁଜିଛନ୍ତି। ମୃତ୍ୟୁ ଖବର ପାଇ ଡୁଙ୍ଗୁରା



ପଞ୍ଚାୟତର ସରପଞ୍ଚ ପ୍ରକାଶ ଲେଙ୍କା, ସମିତି ସଭ୍ୟା ପ୍ରତିନିଧି ଶିଶିର କୁମାର ସାମଲ, ଗୋପୀନାଥପୁର ପଞ୍ଚାୟତର ସରପଞ୍ଚ ସବିତା ନାୟକ, ପ୍ରଧାନଶିକ୍ଷକ ନିରଞ୍ଜନ ନାୟକଙ୍କ ସମେତ ବହୁ ପୁରାତନ ଛାତ୍ର ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସ୍ୱର୍ଗତ ବେହେରା ୧୯୬୩ ମସିହାରୁ ୨୦୦୧ ମସିହା ପର୍ଯ୍ୟନ୍ତ ବନ୍ତ ବ୍ଲକ ଗୋପୀନାଥପୁର ପଞ୍ଚାୟତ ଅଧୀନ ବଡ଼ ସନ୍ଧାଡ଼ୋ ଏମ୍ଇ ସ୍କୁଲରେ ଶିକ୍ଷକତା କରିଥିଲେ।

## ଅନ୍ତର୍ଜାତୀୟ ମହିଳା ଦିବସ

**ରାଜଘାଟ,୮।୩(ସମିସ):** ବସ୍ତା ବ୍ଲକ୍ ନାବାରା ପଞ୍ଚାୟତ କାର୍ଯ୍ୟାଳୟରେ ସରପଞ୍ଚ ଡକ୍ଟର ନଗେନ୍ଦ୍ର ସିଂଙ୍କ ସଭାପତିତ୍ୱରେ ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ଏଥିରେ ୨ଶହରୁ ଊର୍ଦ୍ଧ୍ୱ ମହିଳା ଯୋଗଦେଇଥିଲେ। ଏହି ଅବସରରେ ଶ୍ରୀରାମପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ଡକ୍ଟର ଅଲିଭା ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିସହ ଅନ୍ୟ ମହିଳାମାନଙ୍କୁ ସମ୍ମାନିତ କରାଯାଇଥିଲା। ସମ୍ମାନିତ ଅତିଥି ଭାବରେ ଅବସରପ୍ରାପ୍ତ ଶିକ୍ଷକ ବିଜୟ କୁମାର କର, ମୁଖ୍ୟବକ୍ତା ଭାବରେ ଭାଗବତ ସାହୁ ପ୍ରମୁଖ ଯୋଗଦେଇଥିଲେ।

### ବୃକ୍ଷ ହିଁ ଜୀବନ, ତା'ର ସୁରକ୍ଷା ପ୍ରଥମ କର୍ତ୍ତବ୍ୟ

## ବଟ, ଅଶ୍ୱତ୍ଥ ବୃକ୍ଷର ବିବାହ ସମ୍ପନ୍ନ



**ଜଳେଶ୍ୱର,୮।୩ (ସମିସ):** ବୃକ୍ଷ ହିଁ ଜୀବନ, ବୃକ୍ଷ ହିଁ ଜୀବ ଜଗତର ମାତା ପିତା, ସେମାନଙ୍କ ସୁରକ୍ଷା ଓ ସେବା ହିଁ ଆମର ପ୍ରଥମ କର୍ତ୍ତବ୍ୟ। ଯାହା ପାଇଁ ସୃଷ୍ଟିରେ ଜନଜୀବନ ସମ୍ଭବ। ସମାଜକୁ ଏହି ମହାନ ବାର୍ତ୍ତା ଦେଇ ବୃକ୍ଷ ବିବାହର ସମ୍ପନ୍ନ କରିଛନ୍ତି ଜଳେଶ୍ୱର ବ୍ଲକ ଲକ୍ଷ୍ମଣନାଥ ଗ୍ରାମ ପଞ୍ଚାୟତର ବିରେଶପୁର ଗ୍ରାମର ଗ୍ରାମବାସୀ। ସନାତନ ଧର୍ମର ରୀତିନୀତି ଅନୁଯାୟୀ ବଟବୃକ୍ଷ ନାରାୟଣ ଓ ଅଶ୍ୱସ୍ଥ ବୃକ୍ଷ ସ୍ୱଙ୍ଗ ଲକ୍ଷ୍ମୀ। ତେଣୁ ଏକତ୍ର ରହିଲେ ସେମାନଙ୍କର ବିବାହ କରାଇବା ଏକ ସାମାଜିକ ପରମ୍ପରା ବୋଲି ଗ୍ରାମବାସୀ କହିବା ସହିତ ବୃକ୍ଷର ସେବା କରିବା ପାଇଁ ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କରିବା ମହାନ ଧର୍ମ ବୋଲି କହିଛନ୍ତି। ଏହି ଗ୍ରାମର ଚଡ଼କ ଯାତ୍ରା ଘଟ ଉଠା ପଡ଼ିଆଠାରେ ଗ୍ରାମର ମୁଖ୍ୟ ଅମର ଚନ୍ଦ୍ର ଘୋଷାଲଙ୍କ ନେତୃତ୍ୱରେ ଅନୁଷ୍ଠିତ ହୋଇଯାଇଛି ବଟ ଓ ଅଶ୍ୱସ୍ଥ ବୃକ୍ଷ ବିବାହ କାର୍ଯ୍ୟ। ଗ୍ରାମର ମନ୍ଦୋଦରୀ ସେଠୀ ନାମକ ବିଧବା ମହିଳା ନିସନ୍ତାନ ରହିଥିବା ବେଳେ ତାଙ୍କ ସ୍ୱାମୀଙ୍କ ଶେଷ ଇଚ୍ଛା ଅନୁଯାୟୀ ଗ୍ରାମରେ ବଟ ଅଶ୍ୱସ୍ଥ ବୃକ୍ଷ ଲଗାଇ ବିବାହ ସମ୍ପନ୍ନ କରିବା ସହିତ ଗ୍ରାମବାସୀଙ୍କ ପାଇଁ ପ୍ରତିଦିନ ବୃକ୍ଷରେ ପାଣି ଦେବା ପରମ୍ପରା ସୃଷ୍ଟି କରିବା ଇଚ୍ଛାରେ ଏହି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ଗ୍ରାମବାସୀ ମିଳିତ ଭାବେ ତାଙ୍କର ଏହି କାର୍ଯ୍ୟକୁ ସମ୍ପନ୍ନ କରିଛନ୍ତି। ମଣିଷ ସମାଜର ବିବାହ ରୀତିନୀତି ଅନୁଯାୟୀ କନ୍ୟା ପକ୍ଷ ଓ ବର ପକ୍ଷ ହୋଇ ବାହ୍ମଣଙ୍କ ମନ୍ତ୍ରପାଠ ମଧ୍ୟରେ ବିବାହ କରାଯାଇଥିବା ବେଳେ ସକାଳେ ମଙ୍ଗଳକୃତ୍ୟ, ପାଣି ଉତ୍ତୋଳନ, ହଳଦୀ ଲଗାଣ, ବରାନୁଗମନ ଓ ଶେଷରେ ଦୁଇ ବୃକ୍ଷର ଡାଳକୁ ଲଗାଇ ହାତ ଗଣ୍ଠି ପକାଯାଇ ବିବାହ ସମ୍ପନ୍ନ ହୋଇଥିଲା। ପୁରୋହିତ ଭାବେ ବ୍ରାହ୍ମଣ ଆଦିକନ୍ଦ ପତିଙ୍କ ମନ୍ତ୍ର ଧ୍ୱନୀ, ବାରିକଙ୍କ ସେବା କାର୍ଯ୍ୟ ସହିତ ବାଜା, ରୋଷଣୀ, ମାଇକ ବଜାଇ ଗ୍ରାମର ପୁରୁଷ, ମହିଳା, ଛୋଟବଡ଼ ପୁଅଝିଅ ସମସ୍ତେ ମହାଆନନ୍ଦରେ ଏହି ବିବାହ କାର୍ଯ୍ୟରେ ଯୋଗ ଦେଇଥିବା ଦେଖିବାକୁ ମିଳିଥିଲା। ପ୍ରାୟ ଦୁଇ ହଜାର ଲୋକଙ୍କ ପାଇଁ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି କାର୍ଯ୍ୟକୁ ଗ୍ରାମ ମୁଖ୍ୟ ଅମର କୁମାର ଘୋଷାଲ, ପୂର୍ବତନ ସରପଞ୍ଚ ଭୋଳାନାଥ ଗିରି, ଗ୍ରାମବାସୀ ହରିହର ଘୋଷଙ୍କ ସହିତ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ।

## ନିଖିରେଶ୍ୱରଙ୍କ ଚଡ଼କ ଯାତ୍ରା ପ୍ରସ୍ତୁତି ବୈଠକ



**କାଳିପଦା,୮।୩(ସମିସ):** ବାଲିଆପାଳ ବ୍ଲକ୍ ନିଖିରା ଗ୍ରାମସ୍ଥିତ ନିଖିରେଶ୍ୱର ମହାଦେବଙ୍କ ପ୍ରସିଦ୍ଧ ଚଡ଼କ ଯାତ୍ରା ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଶନିବାର ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସଭାପତି ଲକ୍ଷ୍ମଣ ଚରଣ ଦଳେଇ ସଭାପତିତ୍ୱ କରିଥିଲେ। ୧୩ ମୌଜାର ଗ୍ରାମବାସୀ ବୈଠକରେ ଯୋଗଦେଇ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ଏପ୍ରିଲ ୧ ତାରିଖ ଠାରୁ ପବିତ୍ର ଚଡ଼କ ଯାତ୍ରା ଆରମ୍ଭ ହୋଇ ୧୩ ଦିନ ବ୍ୟାପି ପାଳିତ ହେବ। ଚଳିତ ବର୍ଷ ଚଡ଼କ ଯାତ୍ରାକୁ ଧୁମ୍ ଧାମରେ ପାଳନ କରାଯିବା ନେଇ ବୈଠକରେ ନିଷ୍ପତ୍ତି ହୋଇଛି। ଚଡ଼କ ଯାତ୍ରା କମିଟିର ସଦାଶିବ ବେହେରା, ନବକୃଷ୍ଣ ଦାସ, ଅନନ୍ତ ଭୂୟାଁ, ପ୍ରହ୍ଲାଦ ଚରଣ ଜେନା, ହରିଶ୍ଚନ୍ଦ୍ର ଗିରି, ଯୁଗଳ କିଶୋର ପାତ୍ର, ସୁକାନ୍ତ କୁମାର ସାହୁ, ଶ୍ରୀମନ୍ତ କୁମାର ଦେ, କୃଷ୍ଣଚନ୍ଦ୍ର ଦେ, ପ୍ରବୀର କୁମାର ଦେ, ବିଜୟ କୁମାର ସେଠୀ, ନିରଞ୍ଜନ ନନ୍ଦୀ, ପୂର୍ଣ୍ଣ ଗିରି, ଯଦୁନାଥ ଗିରି, ଆଦିକନ୍ଦ ଜେନା, ଦିଲ୍ଲୀପ କୁମାର ଜେନା, ମିହିର ଜେନା, ବେଣୁଧର ଜେନା, ବଂଶୀଧର ଦେ, ନକୁଳ ପ୍ରଧାନ, ଡମ୍ବରୁଧର ଗିରି, ବିଶ୍ୱନାଥ ଦାସ ଅଧିକାରୀ, ପୂର୍ବତନ ପାଟ ଭକ୍ତା ନଗେନ୍ଦ୍ର ଭୂୟାଁ, କମଳ ଲୋଚନ ଦେ, ବିନୋଦ ଗିରି, ବାଇଧର ଦଳେଇ, ଚାରୁ ଚନ୍ଦ୍ର ନନ୍ଦୀ, ସୁବଳ ବେହେରା, ବିମ୍ବାଧର ମହାପାତ୍ର, ମୁକୁନ୍ଦ ନନ୍ଦୀ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛାୟତ, ଗଦାଧର ଜେନା, ଶମ୍ଭୁ ନାଥ ଦାସ, ସନ୍ତୋଷ ଜେନା, ମନ୍ଦିରର ପୂଜକ ହିମାଂଶୁ ମହାପାତ୍ର, ମନୋଜ ଆଚାର୍ଯ୍ୟ, ଦୁଷ୍ମନ୍ତ ମହାପାତ୍ର, ସୁଧାଂଶୁ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

### ବିଜୁ ଜୟନ୍ତୀରେ କୁପାରୀ ସରପଞ୍ଚଙ୍କ ଯୋଗଦାନ ଫଟୋ ଭାଇରାଲ

# ବିଜେପିରେ ହଲଚଲ, ବିଜେଡି ଶିବିରରେ ଉତ୍ସାହ

ଖଇରା,୮।୩(ସମିସ)



ବାଲେଶ୍ୱର ଜିଲ୍ଲା ଖଇରା ଠାରେ ବିଜୁ ଜୟନ୍ତୀ ପାଳନ ବେଳର କିଛି ରୋଚକ ଦୃଶ୍ୟ ଖଇରା ରାଜନୀତିକୁ ଚଳଚଞ୍ଚଳ କରିଛି। ବିଜୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ବେଳେ ବିଜେଡି ନେତୃବୃନ୍ଦଙ୍କ ଗହଣରେ କୁପାରୀ ସରପଞ୍ଚଙ୍କ ଯୋଗଦାନ ପରେ ସିମୁଳିଆ ବିଜେଡି ଉତ୍ସାହିତ ହୋଇ ପଡ଼ିଥିବାବେଳେ ବିଜେପି ଶିବିରରେ ହଲଚଲ ଓ ନିରାଶା ଦେଖିବାକୁ ମିଳୁଛି। ବିଶେଷକରି ପୂର୍ବରୁ ବିଜେଡି ସଭାପତି ତଥା ପୂର୍ବତନ ବିଧାୟକ ଜ୍ୟୋତି ପାଣିଗ୍ରାହୀଙ୍କ କଟର ବିରୋଧୀ ଭାବେ ପରିଚିତ କୁପାରୀ ଜୋନ୍‌ର ବିଜେପିରୁ ବିଜୟୀ ଜିଲ୍ଲାପରିଷଦ ସଭ୍ୟ ଗଜେନ୍ଦ୍ର ଦାସଙ୍କ ସରପଞ୍ଚ ସ୍ତ୍ରୀ ଜ୍ୟୋସ୍ନାରାଣୀ ଦାସଙ୍କ ଏହି ହଠାତ ଆବିର୍ଭାବ ସିମୁଳିଆ ରାଜନୀତିକୁ ଅଧିକ ରୋଚକ କରିଛି। ବିଶେଷକରି ପଞ୍ଚାୟତ ନିର୍ବାଚନ ପୂର୍ବରୁ ଏଭଳି ଦୃଶ୍ୟ କିଛି ଅଦୃଶ୍ୟ ଘଟଣା ସମ୍ପର୍କରେ ଆଭାସ ଦେଉଛି। ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଗୁରୁବାର ଖଇରା ଦୁର୍ଗାମଣ୍ଡପରେ ବ୍ଲକ୍ ବିଜେଡି ସଭାପତି ରାଜେନ୍ଦ୍ର ଦାସଙ୍କ ପୌରୋହିତ୍ୟରେ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯିବା ସହ ଜୟନ୍ତୀ ପାଳନର ଅନ୍ୟକିଛି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକଙ୍କ ସମେତ ସାରୁଗାଁ, ନନ୍ଦୁର, ସୁଣ୍ଡିରା, ଗରସଙ୍ଗ, ଗୋବିନ୍ଦପୁର, ଶ୍ୟାମସୁନ୍ଦରପୁର, ଖଇରା ସଦର ପଞ୍ଚାୟତର ଲୋକପ୍ରତିନିଧିମାନେ ଯୋଗଦାନ କରିଥିଲେ। ହଠାତ ଏମାନଙ୍କ ଗହଣରେ କୁପାରୀ ସରପଞ୍ଚଙ୍କ ଆବିର୍ଭାବ ଉପସ୍ଥିତ ବିଜୁପ୍ରେମୀଙ୍କୁ ଚକିତ କରିଥିଲା। ବିଜେଡି ନେତୃବୃନ୍ଦଙ୍କ ସହ ସେ କେବଳ ବିଜୁବାବୁ, ଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଳ ପିନ୍ଧାଇ ନ ଥିଲେ, ବରଂ ବିଜେଡି କର୍ମୀଙ୍କ ସହ ଖଇରା ମେଡିକାଲ ଯାଇ ରୋଗୀଙ୍କୁ ଫଳ ବଣ୍ଟନ କରିବା ଦୃଶ୍ୟ ସାମାଜିକ ଗଣମାଧ୍ୟମରେ ବେଶ ଭାଇରାଲ ହେବାରେ ଲାଗିଛି। ବର୍ତ୍ତମାନର ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା ଓ ଜିଲ୍ଲା ପରିଷଦ ସଭ୍ୟ ଗଜେନ୍ଦ୍ର ଦାସ ଉଭୟ ପଦ୍ମଦଳରୁ ବିଜୟୀ ହୋଇଥିବାବେଳେ ସେମାନଙ୍କ ସମ୍ପର୍କ ହାଟରେ ପଡ଼ି ଦାଣ୍ଡରେ ଗଡୁଛି। କିଛିଦିନ ତଳେ କୁପାରୀ ଜୋନ୍‌ର ଅନ୍ୟତମ ଟାଣୁଆ ନେତା ଜୟନ୍ତ ରାଉତ ବିଭିନ୍ନ କାର୍ଯ୍ୟକ୍ରମ ଜରିଆରେ ଜ୍ୟୋତି ପାଣିଗ୍ରାହୀଙ୍କ ନିକଟତର ହେବା ପରେ କୁପାରୀ ସରପଞ୍ଚ ବିଜେଡିକୁ ଢଳିବା କିଛି ନୂଆ ସମୀକରଣକୁ ଇଙ୍ଗିତ କରୁଛି। ଯାହା ସିମୁଳିଆ ବିଜେପି ପାଇଁ ମଧ୍ୟ ଚିନ୍ତାର କାରଣ ପାଲଟିଛି। ବିଜୁ ଜୟନ୍ତୀ ପାଳନ ଆଳରେ ଏବଂ ପଞ୍ଚାୟତ ନିର୍ବାଚନର ଅବ୍ୟବହିତ ପୂର୍ବରୁ ଦାସ ଦମ୍ପତିଙ୍କ ବିଜେଡି ଲିଙ୍କ ଖଇରା ପାଣିପାଗକୁ ସରଗରମ କରିଛି। ଏ ସମ୍ପର୍କରେ କୁପାରୀ ସରପଞ୍ଚଙ୍କ ପ୍ରତିକ୍ରିୟା ନେବାରେ ସେ ପିଲାଟି ଦିନରୁ ବିଜୁବାବୁଙ୍କୁ ଭଲ ପାଆନ୍ତି। ଏଣୁ ବିଜେଡି ଲିଙ୍କ୍ କଥା ସମ୍ପୂର୍ଣ୍ଣ ନିରାଧାର ବୋଲି କହିଛନ୍ତି।

## ସିମୁଳିଆ ତହସିଲଦାରଙ୍କ ଦାୟିତ୍ୱ ଗ୍ରହଣ

**ସିମୁଳିଆ,୮।୩(ସମିସ):** ସିମୁଳିଆରେ ନୂତନ ତହସିଲଦାର ଭାବେ ସୌମ୍ୟ ରଞ୍ଜନ ମହାପାତ୍ର ଆଜି ଦାୟିତ୍ୱଗ୍ରହଣ କରିଛନ୍ତି। ଦୀର୍ଘ ଦିନ ଧରି ସିମୁଳିଆର ତହସିଲଦାର ପଦବୀ ଖାଲି ପଡ଼ିଥିବା ବେଳେ ଲୋକମାନେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ପୂର୍ବରୁ ସୌମ୍ୟ ରଞ୍ଜନ ମହାପାତ୍ର ବାଙ୍କିରେ ଡେପୁଟି



କଲେକ୍ଟର ଭାବେ କାର୍ଯ୍ୟ କରୁଥିଲେ। ସିମୁଳିଆ ତହସିଲଦାର ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସିମୁଳିଆ ତହସିଲ କର୍ମଚାରୀ ଫୁଲ ତୋଡ଼ା ଦେଇ ସ୍ୱାଗତ କରିଥିଲେ। ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡାଙ୍କ ଉଦ୍ୟମରେ ସିମୁଳିଆରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ବିଡିଓ, ତହସିଲଦାର ଓ ଥାନାଧିକାରୀ ପଦବୀ ପୂରଣ ହୋଇପାରିଛି।

